


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୩୧ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31 August 2025
Vol.No. 36 ■ No.230 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ୭ ବର୍ଷ ପରେ ଚାଇନା ମାଟିରେ ପାଦ ଦେଲେ ମୋଦି

## ଜିନପିଙ୍ଗ ଓ ପୁଟିନଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୦।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏସସିଓ ସମ୍ମିଳନୀରେ ଯୋଗଦେବା ପାଇଁ ଚାଇନା ପହଞ୍ଚିଛନ୍ତି। ଶିଖର ସମ୍ମିଳନୀ ବ୍ୟତୀତ ସେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ପୁଟିନଙ୍କ ସହ ପୃଥକ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିବେ। ଜାପାନ ଗସ୍ତ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି ଚାଇନାର ତିଆନଜିନ ପହଞ୍ଚିଥିଲେ। ଚାଇନା ପହଞ୍ଚିବା ମାତ୍ରେ ତାଙ୍କୁ ଲାଲ କାର୍ପେଟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଇନାରେ ରହିବେ। ଏଠାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସ୍ୱାଭାବିକ କରିବା ବିଷୟରେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଆଲୋଚନା ହେବ। ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ଅସ୍ଥିରତା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଚାଇନା ଗସ୍ତ ହେଉଛି ଗୁରୁତ୍ୱପୂର୍ଣ୍ଣ। ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପରେ ବିଶ୍ୱ ରାଜନୀତିରେ ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଏସସିଓ ବୈଠକରେ ଯୋଗଦେବା ପାଇଁ ଚାଇନା ଆସିବେ। ପ୍ରଧାନମନ୍ତ୍ରୀ ଏଠାରେ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଚାଇନା ଗସ୍ତକୁ ନେଇ ବେଜିଂରେ ଉତ୍ସାହର ବାତାବରଣ ରହିଛି। ଏହି ଐତିହାସିକ ଗସ୍ତକୁ ନେଇ କେବଳ ଭାରତୀୟ ସମ୍ପ୍ରଦାୟ ନୁହେଁ ବରଂ ସ୍ଥାନୀୟ ଚାଇନା ନାଗରିକ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ମଧ୍ୟ ଉଚ୍ଚ ଆଶା ରହିଛି। ଏହି ଗସ୍ତକୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏସସିଓ ସମ୍ମିଳନୀ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଇନାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୨୦ ରୁ ଅଧିକ ଦେଶର ନେତା ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ମୋଦି ଏବଂ ସି ଜିନପିଙ୍ଗ ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରୁଷିଆର କାଜାନରେ ବ୍ରିକ୍ସ ସମ୍ମିଳନୀ ସମୟରେ ସାକ୍ଷାତ କରିଥିଲେ। ଏହି ସମୟରେ, ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା।

## ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଅନ୍‌ଲାଇନ୍ ଠକେଇ: ଆପ୍ ମାଧ୍ୟମରେ ପୂଜା ସହ ନିର୍ମାଲ୍ୟ ବିଜ୍ଞାପନ



ଭୁବନେଶ୍ୱର, ୩୦/୮ (ନି.ପ୍ର): ପୁଣି ଅନଲାଇନରେ ମହାପ୍ରଭୁଙ୍କ ପୂଜା ନାଁରେ ଠକେଇ । ପୂଜା ପରିସେବା କମ୍ ନାମକ ଏକ ଅନଲାଇନ୍ ଆପ୍ଲିକେସନ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ପୂଜାର ବିଜ୍ଞପ୍ତି ଦେଇ ଏଭଳି ଅନଲାଇନ ସଂସ୍ଥା ଭକ୍ତଠାରୁ ଟଙ୍କା ଲୁଟୁଛନ୍ତି । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ମହାପ୍ରଭୁଙ୍କୁ ଅନଲାଇନ ଦର୍ଶନ କରାଇବା ଆଳରେ ଜଗନ୍ନାଥ ପ୍ରେମୀଙ୍କୁ ଠକେଇ । ପୂଜା ପରିସେବା ନାମକ ଏକ ଅନଲାଇନ ଆପ୍‌ରେ ମହାପ୍ରଭୁଙ୍କ ପୂଜା ସହ ନିର୍ମାଲ୍ୟ ମିଳିବା ନେଇ ବିଜ୍ଞାପନ ଦିଆଯାଇଛି । ଚାରି ପ୍ରକାରର ପୂଜା ପାଇଁ ଅଲଗା ଅଲଗା ପ୍ରକାର ମୂଲ୍ୟ ରହିଛି । ତେବେ ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବରିଷ୍ଠ ସେବାୟତ । ଶ୍ରୀମନ୍ଦିରରେ ଅନଲାଇନର ଏଭଳି କୌଣସି ବ୍ୟବସ୍ଥା ନାହିଁ । ଭକ୍ତମାନେ ବାରମ୍ବାର ଅନଲାଇନରେ ଠକେଇ ହେଉଛନ୍ତି । ତୁରନ୍ତ ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ଏଭଳି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସେବାୟତ । ପୂର୍ବରୁ ହରି ଓଁ ଅନଲାଇନ ଆପ୍‌ରେ ହଜାର ଟଙ୍କାରେ ଶ୍ରୀମନ୍ଦିରରେ ମିଳିବ ଭିଆଇପି ଦର୍ଶନ ମିଳିବ ବୋଲି ମିଛ ପ୍ରଚାର କରାଯାଇଥିଲା । ଏଥିରେ କୁହାଯାଇଥିଲା, ଲମ୍ବା ଲାଇନ୍ ବା ଧାଡିରେ ଠିଆ ନହୋଇ ସିଧାସଳଖ ଶ୍ରୀମନ୍ଦିର ଭିତରକୁ ଯିବେ ଭକ୍ତ । ଏହାସହ ତୁଳସୀ ଓ ମହାପ୍ରଭୁଙ୍କ ପୂଜା ଫୁଲ ମଧ୍ୟ ମିଳିବ । ଏହାସହ ଜଣେ ସେବକ ଆପଣଙ୍କ ପାଖରେ ରହି ଶ୍ରୀମନ୍ଦିର ବିଷୟରେ ଆପଣଙ୍କୁ ବୁଝାଇବେ । ଆଉ ଏବେ ପୂଜା ପରିସେବା ନାମକ ଏକ ଆପ୍ ମାଧ୍ୟମରେ ଏଭଳି ବିଜ୍ଞାପନ ଦିଆଯିବା ପରେ ଏହା ସ୍ପଷ୍ଟ ହୋଇଛି ପୁଲିସ ଘଟଣାକୁ ଆଦୌ ଗୁରୁତର ସହ ନେଉନାହିଁ । ପୁରୀ ଏସପି କହିଛନ୍ତି, ସାଇବର ବିଶେଷଜ୍ଞଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବ ।

## ଆଜିଠୁ ପୁଣି ବଢ଼ିବ ବର୍ଷା ପରିମାଣ



ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ଆହୁରି ୪ ଦିନ ପ୍ରବଳ ବର୍ଷା । କାଲିଠୁ ପୁଣି ବଢ଼ିବ ବର୍ଷା ପରିମାଣ । ଆଜି ପ୍ରବଳ ବର୍ଷା ପାଇଁ ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ବିଶେଷ କରି ଉପକୂଳ, ଉତ୍ତର ଓ ପଶ୍ଚିମ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବ। ସକାଳୁ ସକାଳୁ ଟୁଇନସିଟି କଟକ-ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହେଉଛି । ସେପଟେ କାଲି ପ୍ରବଳ ବର୍ଷା ହେବା ନେଇ ସାରା ରାଜ୍ୟକୁ ଜାରି ହୋଇଛି ୟେଲୋ ଆଲର୍ଟ । କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଭୀଷଣ ବର୍ଷା ହୋଇପାରେ। ସେହିଭଳି ସେପ୍ଟେମ୍ବର ଏକ ତାରିଖରେ ବି ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ । ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି । ଦୁଇ ତାରିଖରେ ବି ସବୁ ଜିଲ୍ଲାକୁ ଜାରି କରାଯାଇଛି ୟେଲୋ ଆଲର୍ଟ ।

## ମହାନଦୀ ଜଳ ବିବାଦ: ଆଲୋଚନାରେ ଆଗକୁ ବଢ଼ିଲେ ଓଡ଼ିଶା-ଛତିଶଗଡ଼



ଭୁବନେଶ୍ୱର, ୩୦/୮ (ନି.ପ୍ର):ମହାନଦୀ ଜଳ ସମସ୍ୟା ଉପରେ ଆଲୋଚନା ପାଇଁ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ,ବରିଷ୍ଠ ଜଳସମ୍ପଦ ଅଧିକାରୀମାନଙ୍କ ସହିତ ଏକତ୍ରିତ ହୋଇଥିଲେ। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ଏକ ପାରସ୍ପରିକ ଲାଭଦାୟକ ସମାଧାନ ପାଇଁ ଉଭୟ ରାଜ୍ୟ ଆନ୍ତରିକତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପାଇଁ ଉଭୟ ରାଜ୍ୟର ଇଆଇସିଙ୍କ ନେତୃତ୍ୱରେ ବୈଷୟିକ କମିଟି ଗୁଡ଼ିକ ସେପ୍ଟେମ୍ବରରେ ସପ୍ତାହିକ ବୈଠକ କରିବେ ବୋଲି ସହମତ ହୋଇଥିଲେ। କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ଏକ ସାଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ଉପରେ ମଧ୍ୟ ଆଲୋଚନା କରିବେ। ଅଗ୍ରଗତି ସମୀକ୍ଷା କରିବା ଏବଂ ଆଲୋଚନାକୁ ଆଗକୁ ନେବା ପାଇଁ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବ ସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ସୁବିଧା ଅନୁସାରେ ଡିସେମ୍ବର ସୁଦ୍ଧା ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ପରସ୍ପରକୁ ଭେଟି ଅଗ୍ରଗତି ସମୀକ୍ଷା କରି ଉଭୟ ରାଜ୍ୟର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀ ଜଳ ବିବାଦର ଏକ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଖୋଜିବା ପ୍ରୟାସ କରିବେ।

## ଇନ୍ସପେକ୍ଟର-ଏସଆଇଙ୍କ କ୍ଷମତା ବଢ଼ିଲା

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ଇନ୍ସପେକ୍ଟର ଏବଂ ଏସଆଇଙ୍କ କ୍ଷମତାକୁ ବଢ଼ାଯାଇଛି। ଏଣିକି ସେମାନେ ଏସସି/ଏସଟି ମାମଲାର ତଦନ୍ତ କରିପାରିବେ। ତଦନ୍ତ ସହ ଗିରଫ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା ଦାଖଲ ମଧ୍ୟ କରିପାରିବେ। ପୂର୍ବରୁ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା। ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ୧୯୮୯ର ପ୍ରବର୍ତ୍ତନକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶା ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ ଅଛି ପୁଲିସ ଇନ୍ସପେକ୍ଟର ଏବଂ ସବ-ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଗିରଫ, ତଦନ୍ତ ଏବଂ ମାମଲା ରୁଜୁ କରିବା ପାଇଁ କ୍ଷମତା ପ୍ରଦାନ କରାଯାଉଛି। ପୂର୍ବରୁ ଏହି କ୍ଷମତା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଏବଂ ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ସଂରକ୍ଷିତ ଥିଲା।

## ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡିଶା ଗସ୍ତରେ ଆସିବେ ରାହୁଲ ଗାନ୍ଧୀ। ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିଲେ ରାଜ୍ୟରେ ବଡ଼ କାର୍ଯ୍ୟକ୍ରମ ହେବ। ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଶାଳ କାର୍ଯ୍ୟକ୍ରମ ହେବ ।ରାହୁଲ ଗାନ୍ଧୀ ରୋଡ଼ ଶୋ କରିବେ ଓ ସଭାରେ ଯୋଗ ଦେବେ। ବିଭିନ୍ନ ଜିଲ୍ଲାରେ ମଧ୍ୟ କାର୍ଯ୍ୟକ୍ରମ ହେବ, ସେଠାରେ କାର୍ଯ୍ୟକ୍ରମରେ ମଧ୍ୟ ରାହୁଲ ଗାନ୍ଧୀ ଗସ୍ତ କରିବେ। ରାହୁଲ ଗାନ୍ଧୀ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ. ସୂଚନା ଦେଇଛନ୍ତି।

## ମେଘାଳୟର ସୋନାପୁରରେ ବଡ ଧରଣର ଭୂସ୍ଖଳନ,ନ୍ୟାସନାଲ ହାଇୱେ -୬ ବନ୍ଦ

ନୂଆଦିଲ୍ଲୀ,୩୦/୮ : ମେଘାଳୟର ସୋନାପୁରରେ ହୋଇଥିବା ବଡଧରଣର ଭୂସ୍ଖଳନ ଯୋଗୁଁ ନ୍ୟାସନାଲ ହାଇୱେ-୬ ସମ୍ପୂର୍ଣ୍ଣଅବରୁଦ୍ଧ ହୋଇଛି । ଶିଲଚର -ଶିଲାଙ୍ଗ ଗୁଓ୍ୱାହାଟୀକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଭାରୀ ପଥର , ମାଟି ଏବଂ ଗଛ ପଡିବା ଯୋଗୁଁ ବନ୍ଦ ହୋଇଛି, ଯାହା ଫଳରେ ଯାତାୟତ ଠପ୍ ହୋଇଛି। ଇଷ୍ଟ ଜୟନ୍ତିଆ ହିଲ୍ସ ଜିଲ୍ଲା ପ୍ରଶାସନ ତୁରନ୍ତ ଉଦ୍ଧାର ଏବଂ ରାସ୍ତା ସଫା କରିବା କାର୍ଯ୍ୟ ଆରମ୍ଭ କରିଛି। ଯେତେବେଳେ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ସଫା ନ ହେବା ପର୍ଯ୍ୟନ୍ତ ଯାନବାହାନଗୁଡିକୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।

## ବିହାର ରାଜନୀତିରେ ହଲଚଲ: ତେଜସ୍ୱୀ ଯାଦବ ଇଣ୍ଡିମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ



ନୂଆଦିଲ୍ଲୀ,୩୦/୮ : ବିହାର ରାଜନୀତିରେ ଆଜି ବଡ଼ ହଲଚଲ ଦେଖିବାକୁ ମିଳିଛି । ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରା ଚାଲିଛି । ଆରାରେ ଆୟୋଜିତ ସଭାରେ ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉପସ୍ଥିତ ଥିଲେ । ଏଥିରେ ତେଜସ୍ୱୀ ଯାଦବ ନିଜକୁ ଇଣ୍ଡି ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଘୋଷଣା କରିଛନ୍ତି । ମଞ୍ଚରେ ରାହୁଲ ଗାନ୍ଧି ଓ ଅଖିଳେଶ ଯାଦବ ଉପସ୍ଥିତ ଥିଲେ । କିଛି ଦିନ ତଳେ ହିଁ ରାହୁଲ ଗାନ୍ଧିଙ୍କୁ ପ୍ରଶ୍ନ ପଚରାଯାଇଥିଲା ଇଣ୍ଡି ମେଣ୍ଟ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ । ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ କି । ଏହାର ଉତ୍ତରରେ ରାହୁଲ ଗାନ୍ଧି କିଛି ଉତ୍ତର ଦେଇନଥିଲେ। ଏବେ ତେଜସ୍ୱୀ ଯାଦବ ନିଜକୁ ଇଣ୍ଡିମେଂଟର ପ୍ରାର୍ଥୀ ଘୋଷଣା କରିଛନ୍ତି । ତେଜସ୍ୱୀ କହିଛନ୍ତି, ବିହାରକୁ ଅସଲି ନା ନକଲି ମୁଖ୍ୟମନ୍ତ୍ରୀ ଦରକାର । ଜନତା ବିହାରରେ ପରିବର୍ତ୍ତନ ଚାହୁଁଛନ୍ତି ଓ ଏହା ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ । ଆଜି ପାଟନାରେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଭେଟିଥିଲେ ଅଖିଳେଶ ଯାଦବ । ଏହାପରେ ତେଜସ୍ୱୀ ହିଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଘୋଷଣା କରିଥିଲେ। ଆଜି ତେଜସ୍ୱୀ ନିଜକୁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବା ବିହାର ରାଜନୀତି ସରଗରମ ହୋଇଛି ।

## ଚିଙ୍ଗୁଡ଼ି ଶିଳ୍ପକୁ ଶୁଳ୍କ ଝଟ୍‌କା: ରପ୍ତାନି ଠପ୍, ବିପଦରେ ଜୀବିକା



ଭୁବନେଶ୍ୱର, ୩୦/୮ (ନି.ପ୍ର): ଆମେରିକାର ଶୁଳ୍କ ମାଡ଼ରେ ଠପ୍ ହୋଇଯାଇଛି ଓଡ଼ିଶାର ଚିଙ୍ଗୁଡ଼ି ଶିଳ୍ପ। ରପ୍ତାନି ବନ୍ଦ ହୋଇଯାଇଛି। ମତ୍ସ୍ୟଜୀବୀ ଚିନ୍ତାରେ ପଡିଛନ୍ତି । ତେଣୁ ଚିଙ୍ଗୁଡ଼ି ଶିଳ୍ପକୁ ଟ୍ରାକ୍‌କୁ ଆଣିବାକୁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ରାଜ୍ୟର ପ୍ରମୁଖ ଚିଙ୍ଗୁଡ଼ି ରପ୍ତାନକାରୀ ସଂସ୍ଥା ଫାଲକନର ମୁଖ୍ୟ ତାରା ପଟ୍ଟନାୟକ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଛାଟ ଚିଙ୍ଗୁଡ଼ି ରପ୍ତାନି ଉପରେ ପଡ଼ିଛି । ରପ୍ତାନି ବନ୍ଦ ହେବା ଫଳରେ ବ୍ୟାବସାୟିକ ସଂସ୍ଥା ଓ ଲକ୍ଷ ଲକ୍ଷ ଚିଙ୍ଗୁଡ଼ି ଚାଷୀଙ୍କ ଜୀବିକା ପ୍ରତି ସଙ୍କଟ ଦେଖାଦେଇଛି । ଓଡ଼ିଶା ବି ଏଥିରୁ ବାଦ୍ ପଡ଼ିନି । ଏହି ସମୟରେ ଚିଙ୍ଗୁଡ଼ି ରପ୍ତାନି କରୁଥିବା ଓଡ଼ିଶାର ପ୍ରମୁଖ ସଂସ୍ଥା ଫାଲକନ୍ ମେରାଇନ ଏକ୍ସପୋର୍ଟସର ଅଧକ୍ଷ ତାରାରଞ୍ଜନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏଥିରେ ସେ ଲେଖିଛନ୍ତି, ଚିଙ୍ଗୁଡ଼ି ଶିଳ୍ପକୁ ରକ୍ଷା କରିବାକୁ ଜରୁରୀକାଳୀନ ପଦକ୍ଷେପ ନିଆଯାଉ। ସରକାରଙ୍କ ପ୍ରୋକ୍ୟୁରମେଣ୍ଟ କାର୍ଯ୍ୟକ୍ରମରେ ଚିଙ୍ଗୁଡ଼ିକୁ ସାମିଲ କରାଯାଉ । ପୁଷ୍ଟିସାଧନ ଯୋଜନା ଓ କଲ୍ୟାଣକାରୀ ଯୋଜନାରେ ଚିଙ୍ଗୁଡ଼ିକୁ ସାମିଲ କରାଯାଉ । ଏହାଦ୍ୱାରା ଚିଙ୍ଗୁଡ଼ିର ଚାହିଦା ବଢ଼ିବ ଓ ବିଦେଶକୁ ରପ୍ତାନି ହେଉଥିବା ଚିଙ୍ଗୁଡ଼ିର ନିର୍ଭରଶୀଳତା କମିବ । ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବଢ଼ିଛି। ୨୦୦୪-୦୫ରେ ରାଜ୍ୟରେ ଚିଙ୍ଗୁଡ଼ି ରପ୍ତାନି ପରିମାଣ ୩୦୦ରୁ ୪୦୦ କୋଟି ଥିଲା । ୨୦୨୪-୨୫ରେ ଏହା ୪୭୦୦ କୋଟି ଟଙ୍କାରେ ପହଞ୍ଚିଛି । ଆମେରିକା ବଜାରରେ ଭାରତୀୟ ଚିଙ୍ଗୁଡ଼ିର ଚାହିଦା ବେଶି । କିନ୍ତୁ ଚିଙ୍ଗୁଡ଼ି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଗାଇବା ପରେ ଏହାର ସିଧାସଳଖ ପ୍ରଭାବ ଓଡିଶାର ଚିଙ୍ଗୁଡି ରପ୍ତାନି ଉପରେ ପକାଇଛି । ରାତି ପାଇଲେ ମତ୍ସ୍ୟଜୀବୀ ଚିଲିକା ଓ ଉପକୂଳବର୍ତ୍ତୀ ଅଞ୍ଚଳରୁ ମାଛ ଧରି ଦୁଇ ପଇସା ରୋଜଗାର କରୁଥିଲେ। ଏବେ ଶୁଳ୍କ ମାଡ଼ରେ ୧୫ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି ।

# ବିଜ୍ଞାପିତ ଅଂଚଳ ପରିଷଦ, କବିସୂର୍ଯ୍ୟନଗର

## ଆପଣଙ୍କ ସେବାରେ କବିସୂର୍ଯ୍ୟନଗର ବିଜ୍ଞାପିତ ଅଂଚଳ

୧. ଆପଣଙ୍କ ଗୃହ ଓ ଆଲୁଅ କର ଠିକ୍ ସମୟରେ ପୈଠ କରନ୍ତୁ ।
୨. ରାସ୍ତା ଓ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା ପାଇଁ ଆବର୍ଜନା ଗୁଡ଼ିକ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ ।
୫. ଯଥା ସମୟରେ ବିବାହ ପଞ୍ଜିକରଣ କରନ୍ତୁ ।
୬. ସହରକୁ ପ୍ରଦୁଷଣରୁ ବଂଚାଇବା ପାଇଁ ବହୁଳ ଭାବେ ବୃକ୍ଷ ରୋପଣ କରନ୍ତୁ ଓ ପରିଷଦ ଦ୍ୱାରା ଲଗାଯାଇଥିବା ବୃକ୍ଷକୁ ଯତ୍ନ ନିଅନ୍ତୁ ।
୭. ରାସ୍ତା ଅବରୋଧ କରି କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୮. ନିଜ ନିଜର ଗୃହରୁ ବାହାରୁଥିବା ଅଳିଆ ଆବର୍ଜନାକୁ ନାଳ ଭିତରେ ନ ପକାଇ ପରିଷଦ ଦ୍ୱାରା କରାଯାଉଥିବା ଭ୍ରାମ୍ୟମାଣ ଗାଡ଼ିରେ ଓ ଡଷ୍ଟବିନରେ ପକାନ୍ତୁ ।
୯. କବିସୂର୍ଯ୍ୟନଗର ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ଜଳାଶୟ ଗୁଡ଼ିକୁ ଅପରିଷ୍କାର କରନ୍ତୁ ନାହିଁ ।
୧୦. ସହରର ରାସ୍ତା ଏବଂ ନାଳ ଗୁଡ଼ିକୁ ସଦା ସର୍ବଦା ପରିଷ୍କାର ରଖନ୍ତୁ ।
୧୧. ଜନସାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପାନୀୟ ଜଳକୁ ଅପବ୍ୟବହାର କରନ୍ତୁ ନାହିଁ ।
୧୨. ବିଦ୍ୟୁତ୍ ଶକ୍ତି ଅପଚୟ କରନ୍ତୁ ନାହିଁ ।
୧୩. ମିଶନ ରାତ୍ର ସଫେଇକୁ ସଫଳ କରିବାରେ ସହଯୋଗ କରନ୍ତୁ ।
୧୪. ସହରର ସମସ୍ତ ଦୋକାନୀ ଭାଇମାନେ ନିଜ ଦୋକାନ ଏବଂ ଦୋକାନ ପରିସରର ୫ମିଟର ପରିବେଶର ସଚ୍ଛତା ନିଜେ ଦାୟିତ୍ୱ ନିଅନ୍ତୁ ଓ ସମସ୍ତ ଜନସାଧାରଣ ନିଜ ପରିବେଶ ସଫା ରଖନ୍ତୁ ।

**ଶ୍ରୀ କୃଷ୍ଣଚନ୍ଦ୍ର ରଥ**
କାର୍ଯ୍ୟନିର୍ବାହୀ ଅଧିକାରୀ

**ଶ୍ରୀ ବିକ୍ରାନ୍ତ କୁମାର ସାହୁ**
ଭାରାପ୍ରାପ୍ତ ଅଧକ୍ଷ

---

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର

## ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

**ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା**

**ସୀମା ଦାସ**
ଉପନଗରପାଳ ଓ
ବାରିପଦା ପୌରପାଳିକା
ଓ ସମସ୍ତ
କାଉନସିଲରବୃନ୍ଦ

**ସପନ କୁମାର ସାହୁ,**
**ଓ.ପ୍ର.ସେ - ଏ**
**(ଜେ.ବି)**
ନିର୍ବାହୀ ଅଧିରୀ,
ବାରିପଦା ପୌରପାଳିକା

**କୃଷ୍ଣାନନ୍ଦ ମହାନ୍ତି**
ନଗରପାଳ,
ବାରିପଦା
ପୌରପାଳିକା

---

# ବ୍ରହ୍ମପୁର ମହାନଗର ନିଗମ

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ:**

(୧) ଆପଣଙ୍କ ଘର/ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍ ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଡ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

**ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ,**
କମିଶନର
ବ୍ରହ୍ମପୁର ମହାନଗର ନିଗମ

**ଶ୍ରୀମତୀ ସଂଘମିତ୍ରା ଦଳେଇ,**
ମେୟର
ବ୍ରହ୍ମପୁର ମହାନଗର ନିଗମ

**ଶ୍ରୀ ଇ. ବିବେକ୍ ରେଡ୍ଡୀ,**
ଡେ଼ପୁଟି ମେୟର
ବ୍ରହ୍ମପୁର ମହାନଗର ନିଗମ ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

---

# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳନ ଅବସରରେ ପାରାଦ୍ୱୀପର ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପାରାଦ୍ୱୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ :-

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।
୨. ମା’ ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନପକାଇ, ପୃଥକୀକରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡି ଓ ସ୍ୱଚ୍ଛ କର୍ମୀଙ୍କୁ ପ୍ରଦାନ କରନ୍ତୁ।
୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ ଓଡିଆ ଭାଷାରେ ଲେଖିବା ବାଧ୍ୟତା ମୂଳକ ଅଟେ ।
୫. ରାସ୍ତା, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।
୬. ମ୍ୟୁନିସିପାଲିଟିର ଦେୟ ଯଥା— ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ୍ ସମୟରେ ପଇଠ କରନ୍ତୁ।

**ସ୍ୱଚ୍ଛତା ରଖନ୍ତୁ – ରୋଗ ହଟାନ୍ତୁ ।**

ନିବେଦକ
**ପାରାଦ୍ୱୀପ ପୌର ପାଳିକା, ପାରାଦ୍ୱୀପ**

---

# ପୌରପରିଷଦ ବାଲେଶ୍ୱର

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ - ୨୦୨୫

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ତା, ୩୧,୦୮,୨୦୨୫ ରିଖ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।

ନିବେଦନ :-
୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୩- ସର୍ବ ସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
୪-ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାରେ BOV ଗାଡିକୁ ପ୍ରଦାନ କରନ୍ତୁ ।
୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୮- ନିଜ ବାସଗୃହ ଏବଂ ବ୍ୟବସ୍ଥାନ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦ - ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ।
୧୧-ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ, ସ୍ୱାସ୍ଥ୍ୟକର ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।


ଶ୍ରୀମତୀ ନିର୍ଲିପ୍ତା ମହାନ୍ତି,
ଓ.ପ୍ର.ସେ - ୧ (ଏସ.ବି )
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା


ଶ୍ରୀ କୈଳାଶ ଚନ୍ଦ୍ର ସେଠୀ
ଉପାଧ୍ୟକ୍ଷ
ବାଲେଶ୍ୱର ପୌରପାଳିକା


ଶ୍ରୀମତୀ ସବିତା ସାହୁ
ପୌରାଧକ୍ଷା
ବାଲେଶ୍ୱର ପୌରପାଳିକା

---

# ବିଜ୍ଞାପିତ ଅଂଚଳ ପରିଷଦ,ଛତ୍ରପୁର

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ ।
କ. ପରିଷଦର ବକେୟା କର / ହୋଲଡିଙ୍ଗ ଟ୍ୟାକ୍ସ ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ କରନ୍ତୁ ।
ଖ. ଘରର ଅଳିଆ ଆବର୍ଜନାକୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡିରେ ପ୍ରତ୍ୟହ ଦିଅନ୍ତୁ ।
ଗ. ନିଜ ଘରର ଚତୁପାର୍ଶ୍ୱକୁ ପ୍ରଦୂଷଣ ମୁକ୍ତ ରଖନ୍ତୁ ।
ଘ. ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
ଙ. ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଙ୍ଗ **Approval** ପ୍ଲାନ ଏନ.ଏ.ସି. କାର୍ଯ୍ୟାଳୟ ଠାରୁ କରାଇ ନିଅନ୍ତୁ ।
ଚ. ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡ଼ିକୁ ନିଜ ଯତ୍ନରେ ରଖନ୍ତୁ । ଏଣେତେଣେ ରାସ୍ତା ଉପରକୁ ଛାଡନ୍ତୁ ନାହିଁ ।
ଛ. ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ ଲାଇସନ୍‌ସ ଓ ପରିମଳ ୟୁଜର ଫୀଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣ ପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି ।
ଜ. ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ।

**ଶ୍ରୀ ପ୍ରସନ୍ନ କୁମାର ଦାଶ,(ଓ.ମ.ମ.ସ)**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ଛତ୍ରପୁର

**ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ**
ଅଧକ୍ଷା
ବିଜ୍ଞାପିତ ଅଞ୍ଚଳ
ପରିଷଦ, ଛତ୍ରପୁର

**ଜି. ପାପା ରାଓ**
ଉପାଧକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

---

# ବିଜ୍ଞାପିତ ଅଂଚଳ ପରିଷଦ, କୋଦଳା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହର ବାସୀଙ୍କୁ ଶୁଭେଚ୍ଛା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛୁ ।

୧) ବିକଶିତ ଓଡ଼ିଶା - ୨୦୩୬ କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମ ସହରକୁ ବିକଶିତ କରିବା
୨) ଆଇନଗତ ସଫେଇ, ସୁରକ୍ଷିତ ସଫେଇ ଅଭିଯାନରେ ନିଜକୁ ସାମିଲ କରିବା ଓ କେବଳ ପରିଷଦର ପ୍ରଶିକ୍ଷିତ ସଫେଇ ମିତ୍ରଙ୍କ ଦ୍ୱାରା ନିଜର ପାଇଖାନା ଟାଙ୍କି ସଫାକରିବା
୩) ସଫେଇ ମିତ୍ରଙ୍କୁ ଯଥାଚିତ ସମ୍ମାନ କରିବା
୪) ପ୍ରତ୍ୟେକ ବ୍ୟକ୍ତି ନିଜ ମା’ଙ୍କ ନାମରେ ଗଛଟିଏ ଲଗାଇବା
୫) ପରିଷଦର କର ଠିକ୍ ସମୟରେ ଦାଖଲ କରି ଏକ ସୁନାଗରିକ ଭାବରେ ନିଜକୁ ପରିଚିତ କରାଇବା

**ସ୍ୱଚ୍ଛତା ଆପଣାନ୍ତୁ ବେମାରୀକୁ ହଟାନ୍ତୁ**

**ସୂର୍ଯ୍ୟ ନାରାୟଣ ନାୟକ**
ଅଧକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ
କୋଦଳା

**ରଞ୍ଜିତା ସେଠୀ**
ଉପାଧକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ,
କୋଦଳା ଓ
ସମସ୍ତ ପାରିଷଦ ବୃନ୍ଦ

**କୃଷ୍ଣଚନ୍ଦ୍ର ରଥ**
କାର୍ଯ୍ୟନିର୍ବାହୀ
ଅଧିକାରୀ
କୋଦଳା ବିଜ୍ଞାପିତ
ଅଞ୍ଚଳ ପରିଷଦ

---

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସଧାରଣଙ୍କୁ ପରିଷଦର ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ଅବସରରେ ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା

- ଆମ ସହରକୁ ଆମେ ଗଢିବା ଓ ସୁନ୍ଦର ରଖିବା ।
- ପରିଷଦର ଟିକସ ଠିକ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ।
- ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
- ପରିବେଶ ଓ ସମୁଦ୍ର କୁଳକୁ ସର୍ବଦା ସଫାସୁତୁରା ରଖନ୍ତୁ ।
- ପଲିଥିନ ବ୍ୟବହାର କରିବା ନାହିଁ ।
- ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।

ଶ୍ରୀ ପୁରୁଷୋତ୍ତମ ବେଣିଆ
ନିର୍ବାହୀ ଅଧିକାରୀ

ଶ୍ରୀ ଏ ଜାନକୀ ରାମ
ଅଧକ୍ଷ

ଶ୍ରୀମତୀ ବି ଉମା
ଉପାଧକ୍ଷା

**ସଭ୍ୟ ସଭ୍ୟା ବୃନ୍ଦ**

ଶ୍ରୀ ଏସ. ବିରେନ କୁମାର
ଶ୍ରୀ ରତନି କୁମାରୀ ନାୟକ
ସ୍ୱର୍ଗତ ଶ୍ରୀ ବି. ଗୋପାଳ କ୍ରୀଷ୍ଣା

ଶ୍ରୀମତୀ କଳ୍ପନା ବେହେରା
ଶ୍ରୀମତୀ ନିର୍ମଳା କୁଜୁର
ଶ୍ରୀମତୀ ସୁନିତା ସାହୁ
ଶ୍ରୀମତୀ ଏମ କାମେଶ୍ୱରୀ

ଶ୍ରୀ ଜି. ମୋହନ ରାଓ
ଶ୍ରୀ କେ. କାଳେଶୁ

---

DSPL - 234

# ବିଜ୍ଞାପିତ ଅଂଚଳ ପରିଷଦ, ସୋର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଅବସରରେ ସୋର ପୌରପାଳିକ ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାଟି ସୋର ପୌରପାଳିକାର ସମସ୍ତ ବୟୋଜେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ, ଶିକ୍ଷାବିତ, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତୋରତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସ୍ୱର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ସୋର ପୌରପାଳିକା

ଭାରପ୍ରାପ୍ତ ଅଧ୍ୟକ୍ଷା
ସମସ୍ତ ପାରିଷଦ ବୃନ୍ଦ,
ସୋର ପୌରପାଳିକା

OIPR : 13166/13/0012/2526

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଅଗଷ୍ଟ ୨୦୨୫
email :
rabibarachayan2015@gmail.com

# ର ବି ବା ର ଚ ୟ ନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୧୧୧
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ବିଭୀଷଣ, ସୁଗ୍ରୀବ, ତାଙ୍କର ଅନ୍ତରଂଗ ମିତ୍ରଙ୍କୁ ନିମନ୍ତ୍ରଣ କରି ଯଜ୍ଞ କାର୍ଯ୍ୟର ସମସ୍ତ ଦାୟିତ୍ୱ ଅର୍ପଣ କରିଛନ୍ତି । ପ୍ରିୟ ହନୁମାନ ସମସ୍ତ କାର୍ଯ୍ୟ ତଦାରଖ କରିବାର ଦାୟିତ୍ୱ ନେଇଛନ୍ତି। ଲକ୍ଷ୍ମଣ, ଶତ୍ରୁଘ୍ନଙ୍କୁ ଆଦେଶ ଦିଆଯାଇଛି ପ୍ରତ୍ୟେକ ରାଜା, ମହାରାଜାଙ୍କ ପାଇଁ ସୁସଜ୍ଜିତ ଶିବିର, ସାଧୁ ସନ୍ଥ ମୁନିଋଷିଙ୍କ ପାଇଁ କୁଟୀର ନିର୍ମାଣ କରି ରଖିବା ପାଇଁ । ଭରତଙ୍କୁ ଦାୟିତ୍ୱ ଦିଆଯାଇଛି ଦୀର୍ଘଦିନ ଧରି ହେବାକୁ ଥିବା ଏ ଯଜ୍ଞାନୁଷ୍ଠାନ ପାଇଁ ହଜାର ହଜାର କଳସ ଘୃତ, ସମିଧ, ଯଜ୍ଞ ନିମିତ୍ତ ସମସ୍ତ ଆବଶ୍ୟକ ଦ୍ରବ୍ୟର ଆୟୋଜନ କରିବା ସହିତ ଯଜ୍ଞ ବେଦୀ ନିର୍ମାଣ କରିବାପାଇଁ । ଅଯୋଧ୍ୟାର ସମସ୍ତ ଶିଳ୍ପୀକୁଳ ଲାଗି ରହିଛନ୍ତି ଯଜ୍ଞ ସ୍ଥଳକୁ ସୁଚାରୁ କୌଶଳରେ ନିର୍ମାଣ କରିବା ସହିତ ପ୍ରତ୍ୟେକ ଶିବିରକୁ ରାଜାମାନଙ୍କ ମନ ଜାଣି ସଜାଇ ରଖିବେ । ଅଯୋଧ୍ୟାର ସିମନ୍ତିନୀ କୁଳ ହଜାର ହଜାର ସଂଖ୍ୟାରେ ଶଂଖନାଦ, ହୁଳହୁଳି ଦେଇ ପ୍ରତ୍ୟହ ଯଜ୍ଞ ସ୍ଥଳରେ ସୃଷ୍ଟି କରିବେ ମଧୁମୟ ପରିବେଶ। କୁମାରୀମାନେ ପୁଷ୍ପ ଚନ୍ଦନ ପକାଇ ବନ୍ଦାବନା କରି ଆଣିବେ ସମସ୍ତ ଅତିଥି ଅଭ୍ୟାଗତଙ୍କୁ । ଯଜ୍ଞସ୍ଥଳକୁ ପ୍ରବେଶ ପାଇଁ ଚାରିଦିଗରୁ ଚାରିଟି ରାସ୍ତା ରଖାଯାଇଛି । ସେ ରାସ୍ତାରେ ସହସ୍ର ସହସ୍ର ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଛି । ରମ୍ଭା ବୃକ୍ଷ ପୋତି, ପବିତ୍ର ପଞ୍ଚପଲ୍ଲବରେ ରାସ୍ତାର ବେନି ପାର୍ଶ୍ୱକୁ ସଜାଇ ଦିଆଯାଇଛି । ତହିଁରେ ଓହଳାଇ ଦିଆଯାଇଛି ଜାତି ଜାତିରି ଫୁଲ । ରାସ୍ତାରେ ବିଛାଇ ଦିଆଯାଇଛି ଫୁଲର ନରମ ଗାଲିଚା । ତହିଁ ଉପରେ ଅଜାଡ଼ି ହୋଇ ପଡ଼ିଛି କର୍ପୂର ଚନ୍ଦନ। ଉପରେ ଟଂଗାଇ ଦିଆଯାଇଛି ରତ୍ନଚାନ୍ଦୁଆ । ତହିଁରେ ଝୁଲି ରହିଛି ହୀରା, ନୀଳା, ମୋତି, ମାଣିକ୍ୟ ଖଚିତ ପୁଷ୍ପଲତା ସମୂହ। ଅତ୍ୟନ୍ତ ଆକର୍ଷଣୀୟ କରି ଦିଆଯାଇଛି ଯଜ୍ଞସ୍ଥଳକୁ । ଯଜ୍ଞସ୍ଥଳରେ ଚାରିବେଦୀ । ଚାରିବେଦୀ ଉପରେ ମୁଖ୍ୟ ଯଜ୍ଞ ବେଦୀ । ପ୍ରତ୍ୟେକ ଯଜ୍ଞବେଦୀରେ ଚାରି ଚାରିଜଣ ଆଚାର୍ଯ୍ୟଙ୍କ ବସିବା ପାଇଁ ସୁସଜ୍ଜିତ ସୁବର୍ଣ୍ଣ ପିଢ଼ା। ସବା ଉର୍ଦ୍ଧ୍ୱରେ ମୁଖ୍ୟ ଯଜ୍ଞସ୍ଥଳରେ ବଶିଷ୍ଠ, ବିଶ୍ୱାମିତ୍ର, କାଶ୍ୟପ, ଗୌତମ ଆଦି ଶ୍ରେଷ୍ଠ ଋଷିମାନଙ୍କ ସହିତ ଯଜ୍ଞ ପୁରୋଧା ବସିବା ପାଇଁ ସୁବର୍ଣ୍ଣାସନ ପ୍ରସ୍ତୁତ କରି ରଖା ଯାଇଛି । ଯଜ୍ଞସ୍ଥଳରେ ଯେଉଁ ବାଦ୍ୟ ବଜାଯିବ ସେହି ବାଦ୍ୟକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯଜ୍ଞାରମ୍ଭରୁ ସେମାନେ ନିଜନିଜ କାର୍ଯ୍ୟ ତୁଲାଇବେ । ଶତଶତ ବେଦଜ୍ଞ ବ୍ରାହ୍ମଣ ପ୍ରସ୍ତୁତ ହୋଇ ରହିଛନ୍ତ ବେଦପାଠ କରିବାପାଇଁ । ଆର୍ଯ୍ୟାବର୍ତ୍ତରେ ପୂର୍ବରୁ ଏପରି ଅନେକ ଯଜ୍ଞାନୁଷ୍ଠାନ ହୋଇଛି ସତ, ହେଲେ ଏପରି ଅପୂର୍ବ ତଥା ଏକବର୍ଷ ଧରି ହେବାକୁ ଥିବା ଯଜ୍ଞାନୁଷ୍ଠାନ ପୂର୍ବରୁ ହୋଇନାହିଁ । ସମସ୍ତଙ୍କ ପାଇଁ ଖାଦ୍ୟ ପାନୀୟର ସୁବନ୍ଦୋବସ୍ତ କରାଯାଇଛି । ଗଜ, ଅଶ୍ୱ, ତଥା ରଥ, ଶକଟ ସବୁ ସଜ୍ଜିତ ହୋଇ ରହିଛନ୍ତି ଆବଶ୍ୟକ ଖାଦ୍ୟ ପଦାର୍ଥ, ଜଳ ସବୁ ଆଣି ଯଜ୍ଞସ୍ଥଳରେ ପହଞ୍ଚାଇ ଦେବେ । ମହାରାଜ ବିଭୀଷଣ ଲଙ୍କାଗଡ଼ରୁ ସୈନ୍ୟସମାନ୍ତ ମାନଙ୍କୁ ଅଣାଇ ଅତିଥି ମାନଙ୍କ ସେବା ସତ୍କାରରେ ଲଗାଇଛନ୍ତି । ସୁଗ୍ରୀବ ମଧ ନିଜ ରାଜ୍ୟରୁ ଆଣିଛନ୍ତି ଅନେକ ରାଜ କର୍ମଚାରୀଙ୍କୁ । ସେମାନେ ସମସ୍ତେ ନିୟୋଜିତ ହୋଇଛନ୍ତି ନାନା କାର୍ଯ୍ୟରେ । ହନୁମାନ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରି ପ୍ରଭୁ ରାମଚନ୍ଦ୍ରଙ୍କ ନିକଟରେ ସମ୍ବାଦ ପହଞ୍ଚାଇ ଦେଉଥା'ନ୍ତି । ଯଜ୍ଞାରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଯେମିତି ତିଳେହେଲେ ତ୍ରୁଟିନହେବ, ସେଥିପାଇଁ ସମସ୍ତେ ସଚେତନ । ଅଯୋଧ୍ୟାର ପ୍ରତ୍ୟେକ ନରନାରୀ ଆସିଛନ୍ତି ତାଙ୍କ ରାଜାଙ୍କ ଯଜ୍ଞଦର୍ଶନ କରିବାକୁ। ସେମାନେ ମଧ ତାଙ୍କ ରାଜାଙ୍କ ସମ୍ମାନ ରକ୍ଷା କରିବା ନିମନ୍ତେ ପ୍ରତ୍ୟେକ କିଛି ନା କିଛି ଦାୟିତ୍ୱ ନେଇ କାର୍ଯ୍ୟ ତୁଲାଉଛନ୍ତି ।

ଯଜ୍ଞର ନିର୍ଦ୍ଦିଷ୍ଟ ଦିନ ଆସି ଉପନୀତ ହେଲା। ମହର୍ଷି, ମୁନିଋଷିମାନେ ଚତୁର୍ଦ୍ଦିଗରୁ ଶୁଦ୍ଧ ପୂତ ବେଦମନ୍ତ୍ର ଉଚ୍ଚାରଣ କରି ଆସି ନୈମିଷା କ୍ଷେତ୍ରରେ ପ୍ରବେଶ କଲେ । ମୁନିକନ୍ୟା ମାନେ ପୁଷ୍ପଚନ୍ଦନ ବିଞ୍ଚି ସେମାନଙ୍କୁ ଅଭ୍ୟର୍ଥନା କରି କୁଟୀରରେ ପହଞ୍ଚାଇ ଦେଉଥିଲେ । ରାଜା ମହାରାଜା ମାନଙ୍କୁ ଯଥା ମାନ୍ୟ ଦେଇ ତାଙ୍କୁ ନିର୍ଦ୍ଦିଷ୍ଟ ଶିବିରରେ ଉପଚାର କରା ଯାଉଥିଲା । ନିଜେ ପ୍ରଭୁ ଶ୍ରୀରାମ ରାଜାର ବେଶ ପୋଷାକ ପରିତ୍ୟାଗ କରି ସାଧାରଣ ଗୈରିକ ବସ୍ତ୍ର ପରିଧାନ ପୂର୍ବକ ସମସ୍ତଙ୍କୁ ସ୍ୱାଗତ କରୁଥିଲେ । ଶଂଖ, ଶିଂଘା, କରତାଳ, ମହୁରୀ ଆଦି ନାନା ବାଦ୍ୟରେ ପ୍ରକମ୍ପିତ ହେଉଥିଲା ନୈମିଷାରଣ୍ୟ। ବେଦଜ୍ଞ ବ୍ରାହ୍ମଣ ମାନଙ୍କର ବେଦ ଧ୍ୱନି ଅମୃତ ବୃଷ୍ଟି କରୁଥିଲା ସେ ସ୍ଥାନରେ । ଆର୍ଯ୍ୟାବର୍ତ୍ତର ସମସ୍ତ ପବିତ୍ର ନଦୀ, ଗଂଗା, ଯମୁନା, ସରସ୍ୱତୀ, ସିନ୍ଧୁ, ନର୍ମଦା, କୁଶଭଦ୍ରା, ଗୋଦାବରୀ, କାବେରୀ ଆଦି ନଦୀର ଜଳ ସହିତ ମହୋଦଧିର ଜଳକୁ ମିଶାଇ ପବିତ୍ର କରି ଦିଆଗଲା ଯଜ୍ଞସ୍ଥଳକୁ । ମୁନିଋଷିମାନେ ଯଜ୍ଞସ୍ଥଳ ପରିଦର୍ଶନ କରି ସନ୍ତୁଷ୍ଟ ହେଲେ । ଜୟ ରାଜା ରାମଚନ୍ଦ୍ରଙ୍କର ଜୟ ଧ୍ୱନିରେ ପୂରି ଉଠୁଥାଏ ଯଜ୍ଞସ୍ଥଳ । ସେ ସମସ୍ତ ଦେଖିସାରି ମହର୍ଷି ବଶିଷ୍ଠ କହିଥିଲେ, ରଘୁବଂଶର ମର୍ଯ୍ୟାଦା ଯାହା ରାଜା ରଘୁ ରଖି ଯାଇଥିଲେ, ସେ ମର୍ଯ୍ୟାଦାକୁ ଅନେକ ଗୁଣରେ ବଢ଼ାଇଦେଲେ ରାଜା ରାମ । ଏଭଳି ଯଜ୍ଞ ଆୟୋଜନ ଆମ ଜୀବନକାଳ ଭିତରେ ଆମେ ଦେଖି ନଥିଲୁ କିମ୍ବା କରିନଥିଲୁ ଯାହା ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି । ରାମଚନ୍ଦ୍ର ତୁମ ଯଶ କୀର୍ତ୍ତିର ଧ୍ୱଜା ଏ ଯଜ୍ଞ ପରେ କେବଳ ଏ ଭାରତ ଭୂଖଣ୍ଡରେ ନୁହେଁ ସମଗ୍ର ଭୂମଣ୍ଡଳରେ ବ୍ୟାପିବା ସହିତ ସ୍ୱର୍ଗଭୁବନରୁ ପାତାଳ ଭୁବନକୁ ମଧ ବ୍ୟାପୀଯିବ । ଆସନ୍ତାକାଲିର ସୂର୍ଯ୍ୟୋଦୟ ପୂର୍ବରୁ ଆମେ ଯଜ୍ଞାନୁଷ୍ଠାନ ଆରମ୍ଭ କରିବୁ ।

ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ହେଲା ଯଜ୍ଞାନୁଷ୍ଠାନ । ବରଣ କରାଯାଇଥିବା ଆଚାର୍ଯ୍ୟ ପୁରୋହିତ ମାନଙ୍କର ଶୁଦ୍ଧପୂତ ବେଦମନ୍ତ୍ର ଉଚ୍ଚାରଣ ସାଂଗକୁ ଅଯୋଧ୍ୟାର ସିମନ୍ତିନୀ ମାନଙ୍କର ଶଂଖ, ହୁଳହୁଳି ନାଦରେ ଉଚ୍ଛୁଳି ପଡୁଥିଲା ଯଜ୍ଞସ୍ଥଳ । ଯଜ୍ଞସ୍ଥଳକୁ ଆମନ୍ତ୍ରିତ ସାଧୁ ସନ୍ଥ ମାନେ ଯଜ୍ଞ କୁଣ୍ଡରେ ମିଳିତ ଆହୂତି ପ୍ରଦାନ କଲେ । ମହର୍ଷି ବିଶ୍ୱାମିତ୍ର, ମହର୍ଷି ବଶିଷ୍ଠଙ୍କ ଆଦେଶ କ୍ରମେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କୁ ସଂକଳ୍ପ କରାଯାଇ ଯଥା ସ୍ଥାନରେ ବସାଇ ଆଚାର୍ଯ୍ୟ ମାନେ ପ୍ରଶ୍ନ କରିଥିଲେ, ପ୍ରଭୁ ଶ୍ରୀରାମ ଆପଣ ସସ୍ତ୍ରୀକ ଏ ସ୍ଥାନରେ ଉପବେଶନ ନକଲେ ଏ ଯଜ୍ଞର ଫଳ ନିଷ୍ଫଳ ହୋଇଯିବ । ଏକଥା ଶୁଣି ବଶିଷ୍ଠ କହିଥିଲେ, ଯଜ୍ଞକର୍ତ୍ତାଙ୍କ କର୍ତ୍ତୃକ ସୁନାରେ ନିର୍ମିତ ପତ୍ନୀଙ୍କୁ ଏଠାରେ ଆଣି ଉପସ୍ଥିତ କରାଯାଉ ।

ବଶିଷ୍ଠଙ୍କ ମୁଖରୁ ଏପରି କଥା ଶୁଣି ସେଠାରେ ଉପସ୍ଥିତ ରାଜା, ମହାରାଜ, ଆମନ୍ତ୍ରିତ ସାଧୁସନ୍ଥ ମାନେ ଚକିତ ହୋଇ ଯାଇଥିଲେ । ସମସ୍ତଙ୍କୁ ନିରବ କରାଇଦେଇ ରାଜା ରାମଚନ୍ଦ୍ର କହିଥିଲେ 'ହନୁମାନ ତୁମେ ଯାଇ ତୁମ ମାତା ସୀତାଙ୍କୁ ଆଣି ଏଠାରେ ପହଞ୍ଚାଇ ଦିଅ ।'

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# 'ଅବତାରୀ ଏ ଜଗନ୍ନାଥ, ଏ ତହୁଁ ଅବତାର ଜାତ'

**ଅଲେଖ ଚନ୍ଦ୍ର ସାମଲ**

ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଓଡ଼ିଆ ଜାତିର ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ। ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମଭାବ ହେଉଛି ବିଶ୍ୱଭ୍ରାତୃତ୍ୱଭାବ। ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ। ଏ ଜାତିର କେତେ ହସକାନ୍ଦ କେତେ ଲହୁ ଲୁହ କେତେ ହର୍ଷବିଷାଦ କେତେ ଉତ୍ଥାନ ପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟାତଳେ ତୋଳି ଧରିଛି। ଅତଏବ ଏ ଗୁଣ୍ଡିଚା ଯାତ୍ରା ହେଉଛି ବାସ୍ତବରେ ମାନବ ବାଦର ଯାତ୍ରା। ଶ୍ରୀଜଗନ୍ନାଥ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥାରୋହଣ, ବଡ଼ଦାଣ୍ଡ ଭ୍ରମଣ, ରଥୋତ୍ସବ କାଳୀନ ବିଧାନ ମଧ୍ୟରେ ମାନବୋଚିତ ଜୀବନଚର୍ଯ୍ୟାର ସମସ୍ତ ଦିଗ ପାଳନପୂର୍ବକ ଅନୁସୃତ ହୋଇଥାଏ। ଏ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ସହିତ ଜଡ଼ିତ। ଜୈନ, ବୌଦ୍ଧ, ଶୈବପ, ଶାକ୍ତ ଓ ବୈଷ୍ଣବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥକରି ଦାରୁଦେବତା ବା ନାଗ ଓ ଶବରର ସମନ୍ୱୟର ଦେବତା ଜଗନ୍ନାଥରୂପେ ଶ୍ରୀମନ୍ଦିରରେ ଉଭା ହୋଇଛନ୍ତି। ତେଣୁ ଏ ଯାତ୍ରା ସତରେ ଶ୍ରୀଜଗନ୍ନାଥ ଧର୍ମଚେତନାର ଏକ ଅପୂର୍ବ ମାନବୀୟ ରୂପାୟନ।

ପରାମାରାଧ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଶ୍ରୀକ୍ଷେତ୍ର ବା ଶଙ୍ଖ କ୍ଷେତ୍ରର ଅଧିଷ୍ଠିତ ଦାରୁ ଦେବତା। ବୈଷ୍ଣବମାନଙ୍କ ମତାନୁସାରେ ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀବିଷ୍ଣୁ ବା ନାରାୟଣଙ୍କ ଅବତାରୀ ଏବଂ ପ୍ରାଚୀନ ସନାତନ ହିନ୍ଦୁ ଧର୍ମରେ ତାଙ୍କର ଐଶ୍ୱରୀୟ ସତ୍ତା ହେଲା ଦାରୁ ବିଗ୍ରହଧାରୀ ଯୁଗାବତାର ଶ୍ରେଷ୍ଠ ପୁରୁଷ ବା ପୁରୁଷୋତ୍ତମ ଶ୍ରୀଜଗନ୍ନାଥ। ପ୍ରାଚୀନ କବି ଦିବାକର ଦାସ ତାଙ୍କ ରଚିତ 'ଜଗନ୍ନାଥ ଚରିତାମୃତ'ରେ କାଳିଆ ସାଆନ୍ତଙ୍କୁ ଜଣେ ଅବତାରୀ ଦେବତା ରୂପେ ବର୍ଣ୍ଣନା କରି ଲେଖିଛନ୍ତି - 'ଅବତାରୀ ଏ ଜଗନ୍ନାଥ, ଏ ତହୁଁ ଅବତାର ଜାତ।'

ଅର୍ଥାତ୍ କୋଟି କୈବଲ୍ୟନାଥ ଶ୍ରୀଜଗନ୍ନାଥ ମହାପ୍ରଭୁ ଓଡ଼ିଶାର ଇଷ୍ଟଦେବ ହୋଇ ମଧ ଜଣେ ଅବତାରୀ ପୁରୁଷ। ଯିଏ ସକଳ ପ୍ରକାର ବିଘ୍ନର ନାଶକାରକ ଏବଂ ସୃଷ୍ଟିରକ୍ଷା ଲାଗି ଦାରୁବ୍ରହ୍ମ ରୂପେ ବା ଦାରୁ ବିଗ୍ରହଧାରୀ ରୂପେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତ ଓ ସର୍ବପୂଜିତ। ପୁନଶ୍ଚ ପୁରାଣ ବର୍ଣ୍ଣିତ ଶଙ୍ଖକ୍ଷେତ୍ର ଭାରତ ବର୍ଷରେ ଅବସ୍ଥିତ ଚାରିଧାମ ମଧ୍ୟରୁ ଅନ୍ୟତମ ଓ ଶ୍ରେଷ୍ଠ ଧାମ ରୂପେ ଜଗତଖ୍ୟାତ ଅଟେ। ଏହାକୁ ଶ୍ରୀଜଗନ୍ନାଥଧାମ ମଧ କୁହାଯାଏ। ଏହାଛଡ଼ା ପ୍ରାଚୀନ ପୁରୁଷୋତ୍ତମ କ୍ଷେତ୍ରର କଥା ଓ ଗାଥା ଯେପରି ମହିମାନ୍ୱିତ ଓ ପୁରାଣପ୍ରସିଦ୍ଧ ଠିକ ସେହିପରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥିତ ଅନେକ ପବିତ୍ର ସ୍ଥାନ ମଧ ସ୍ୱୟଂ ମହିମାରେ ମହିମାନ୍ୱିତ ଓ ପ୍ରସିଦ୍ଧ। ଏମାନଙ୍କ ମହନୀୟତା ଶ୍ରୀମନ୍ଦିରର ମାହାତ୍ମ୍ୟ ଠାରୁ କୌଣସି ଗୁଣରେ କମ ନୁହେଁ। ଏମିତିରେ କହିବାକୁଗଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ସମନ୍ୱୟର ଦେବତା। ତେଣୁ ସେ କେବଳ ଜଣର ନୁହଁନ୍ତି ପ୍ରାୟତଃ ସେ ଗଣର ହୋଇଥିବାରୁ ମହାପ୍ରଭୁ ଗଣଦେବତା। ଏହିପରିପ୍ରେକ୍ଷୀରେ ଗଣଦେବତା ଶ୍ରୀଜଗନ୍ନାଥ କେବଳ ସେବକ ଓ ଶ୍ରଦ୍ଧାଳୁ ହୃଦୟ କୋଣରେ ବିରାଜିତ ନଥାନ୍ତି, ସାହିତ୍ୟାନୁରାଗୀ ଜଗନ୍ନାଥପ୍ରେମୀଙ୍କ ହୃଦୟରେ ମଧ ତାଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ। ଅନେକ ପ୍ରଥିତଯଶ ସାରସ୍ୱତ ସାଧକଙ୍କ ଲେଖନୀ ମୁନରେ ମହାପ୍ରଭୁଙ୍କ କଥା ଓ ଗାଥା କୁସୁମ ପ୍ରସ୍ଫୁଟିତ ହୋଇଆସିଛି। ସେ ଯାହାବି ହେଉନା କାହିଁକି ଭିନ୍ନ ମୁନିଙ୍କର ଭିନ୍ନ ମତାମତକୁ ଜଳାଞ୍ଜଳି ଦେଇ ଆମ୍ଭେମାନେ ବିଶ୍ୱ ପ୍ରସିଦ୍ଧ ନନ୍ଦିଘୋଷ ଯାତ୍ରା ଓ ଶ୍ରୀଗୁଣ୍ଡିଚା ବାଡ଼ିର ମାହାତ୍ମ୍ୟକୁ ହୃଦୟର ସହ ଅନୁଭବ କରିବା ଉଚିତ। କାରଣ ବଞ୍ଚିଥିବା ଯାଏଁ ଅତ୍ୟନ୍ତ ପକ୍ଷେ ଥରଟିଏ ଜୀବନରେ ନନ୍ଦିଘୋଷ ଯାତ୍ରା ଓ ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଉଚିତ। ଏମିତିରେ ଶାସ୍ତ୍ରଜ୍ଞମାନେ କହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭାବପଡ଼ୋର ନଲାଗିଲା ଯାଏଁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ପାଦ ଥାପିବା ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ। ତେଣୁ ଯଦି କାଳିଆ ସାଆନ୍ତାଙ୍କ ଭାବଡୋର ଲାଗିଯାଏ, ତାହାହେଲେ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରା ଦର୍ଶନ ମିଳିଥାଏ। ଯଦି ଏପରି ସୁଯୋଗ ନ ମିଳେ, ତେବେ ଜୀବନରେ ବଞ୍ଚିଥିବା ଅବସ୍ଥାରେ ଥରଟିଏ ମାତ୍ର ମହାପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରିବାର ପ୍ରଯତ୍ନ କରିବା ଉଚିତ। ଯଦ୍ୱାରା ଶ୍ରଦ୍ଧାଳୁମାନଙ୍କର ସକଳ ମନୋସ୍କାମନା ପୂରଣ ହେବା ସହ ଚତୁଃବର୍ଗ ଫଳ ପ୍ରାପ୍ତିର ସୁବର୍ଣ୍ଣ ସୁଯୋଗ ମିଳିଥାଏ। ସ୍ମରଣାତୀତ କାଳରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇଛନ୍ତି। ଏହି ପରମପାବନ କ୍ଷେତ୍ର ଯେ ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଏହା ବିନା ଦ୍ୱିଧାରେ କୁହାଯାଇପାରେ। କିନ୍ତୁ ଏହି କ୍ଷେତ୍ରର ମୁଖ୍ୟ ଅଧିଷ୍ଠାତା ଦେବତା ଶ୍ରୀଜଗନ୍ନାଥଙ୍କର ଇତିବୃତ୍ତ ଅଦ୍ୟାବଧି ରହସ୍ୟାବୃତ ହୋଇ ରହିଆସିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ ଓ ଇତିହାସ ସେ ରହସ୍ୟ ଭେଦ କରି ପାରିନାହାନ୍ତି। କଥାରେ କୁହାଯାଇଛି ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବଗଣଙ୍କୁ ମଧ ଅଗୋଚର ସାଧାରଣ ମାନବ ପକ୍ଷେ ସେ ରହସ୍ୟ ଭେଦ କରିବା ଅସମ୍ଭବ। ଶ୍ରୀଜଗନ୍ନାଥ ବେଦ ବର୍ଣ୍ଣିତ ବିରାଟ ପୁରୁଷଙ୍କ ପ୍ରତୀକ ବିଗ୍ରହ। ସେ ଦୁର୍ବୋଧ୍ୟ, ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ।

♥ ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

## କବିତା...



### ତମେ ଥିଲେ ସାରା ଆକାଶ ନିଜର -୨
**ମହେଶ୍ୱର ପଧାନ**

କେଉଁ ନାଡ଼ି କେମିତି ଧଇଲେ
ଯେତେ ଭୟଂକର ରୋଗ ଆଉ ଦୁଃଖ
ପଳେଇବେ ମୋ ଦେହ ଛାଡ଼ି,
ତମକୁ ବରାବର ଜଣା।

ଆହୁରି ବି ଜଣା
ମୋ ଛାତିର କେତେ ତଳକୁ ଖୋଳିଲେ
ଟାଣି ବାହାର କରି ହେବ
ପ୍ରଚ୍ଛନ୍ନ ଖୁସିର ଖଜଣା।

ଟିକିଏ ଖୁସିରେ ଆତ୍ମହରା ହେଇ
ଆକାଶକୁ ଆଙ୍ଗୁଳେ ଛାଡ଼ିବା
ଅଭ୍ୟାସ ମୋର,
ଅଳପ ଦୁଃଖର ଚାପରେ
ଅଣ୍ଟା ଭାଙ୍ଗି ଦୁବଘାସ ପରି
ମୁହଁ ମାଡ଼ି ତଳେ ଲୋଟିଯିବା
ସ୍ୱଭାବ ମୋର !

ବନ୍ଧୁ ମୋର୍ !
ଯେତେ ମୁହଁମାଡ଼ି ତଳେ ପଡ଼ିଲେ ବି
ତମ ପଦିଏ କଥାରେ
ମୋର ସଳଖିଯାଏ ପିଠି,
ତମେ ଅଛ ବୋଲି
ଆଘାତ ପାଇ ଯେତେ ଥରୁଥିଲେ ପାଦ
ଆଖି ମୋର ସଦା ଉର୍ଦ୍ଧ୍ୱମୁଖୀ !

ଧୂଳୁଣ୍ଡା, ୧୯ଖଣ୍ଡ ମୌଜା,
ଝାରସୁଗୁଡ଼ା
ମୋ-୯୦୭୮୯୩୧୫୨୨

### ମୁଁ ଓ ମୋ ଗାଁ
**ନକୁଳ ଚନ୍ଦ୍ର ସାହୁ**



କେତେ ବାଟ ବୈକୁଣ୍ଠ ଏଠୁ
ଏଠୁ କେତେ ବାଟ
କୈଳାସ ?

ମୁଁ
ଯିବି
ବ୍ରହ୍ମଲୋକ
ମର୍ତ୍ତ୍ୟକୁ ଓହ୍ଲାଇଚି ଅସୀମ ଅମୃତ !
ଋଷିଲୋକରୁ ଆସିଚି
ପକ୍ଷୀ ଏକ
କପାଳରେ ଲେଖା ତା'
ଦିବ୍ୟ ଉଦ୍ଦେଶ୍ୟ !

ଈଶ୍ୱରଙ୍କ ନିଜ ଦୃଷ୍ଟି
ସମୟକୁ ମୌନ ରଖି
ମୋ ଗାଁ
ନାଁଟିଏ ପାଇଛି
ରଶ୍ମିର ଛାଇଟିଏ

ନକ୍ସାରେ ବ୍ୟାପିଛି
ସିଏ ମୋ ଗାଁ
ନିଜ ଷ୍ଟାଇଲରେ ସିଏ
ଚାଖଣ୍ଡେ ମାଟି !

ସକାଳ ହେଲେ
ହଳଦୀ ପାଣିରେ ତୁମ ପାଦ
ଧୋଇଦିଏ ସୂର୍ଯ୍ୟ;
ଅନୁଗତ ସକାଳ ତା'
ଖୋର୍ଦ୍ଧା ଗାମୁଛାରେ
ପୋଛିଦିଏ ତୁମ ପାଦ !

ପୁଣ୍ୟବତୀ ପ୍ରାଚୀ ନଦୀ ପକାଏ ହୁଳହୁଳି
ପ୍ରତିଫଳିତ ହୁଏ ମାୟାର ଶକ୍ତି
ଶାଶ୍ୱତ କହୁଥାଏ ଅସ୍ପୃହାକୁ କିଛି ?

ମୋ ଜୀବନ ତୁମେ, ତୁମେ ମୋ ମୃତ୍ୟୁଶେଯ
ତୁମେ ମୋ ଗୋଲାପୀ ଅନୁଭବ
ଅମୃତ ଧାମ
ଗୋଡିସାହି ଗାଁ' ମୋ, ଅଭଂଗା ଜହ୍ନ !

ସହସ୍ର ବର୍ଷ ପରେ ଏଠି
କବି ଜଣେ ଜନ୍ମ ନେଇଛି
ସମୟ କହୁଚି
ଜୀବନ ତା' ଖାଦ୍ୟ;

ମୃତ୍ୟୁକୁ ପ୍ରାଣଟିଏ କରିଛି ପ୍ରତ୍ୟାଖ୍ୟାନ
ଏହା ତାର ଭାଗ୍ୟ ଓ ଭୋଗ୍ୟ !

କବି
ସମୟହୀନ ବିଶାଳ ଶୂନ୍ୟତା,
ଅମୃତ ଅମୃତରେ
ରହିଚି ତା' ବଂଚିବାର ବାର୍ତ୍ତା !

♥ ଶବଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

### ସମସ୍ତେ ସବୁ ଜାଣିଯିବେ
**ଶିଶିର ନାୟକ**



ସମସ୍ତେ ସବୁ ଜାଣିଯିବେ
ଆବର୍ଜନା ଭିତରେ ପଡିଥିବା
କାହାର ସେଇ କଟା ହାତ
କାହାର ସେଇ ନେସନା ପଣତ ।

ଜାଣିଯିବେ ସମସ୍ତେ
କିଏ ସବୁ ମାନିନେଇଥିଲେ ସର୍ତ୍ତ
ନ ଦେଖିଲା ପରି କିଏ ପଳଉଥିଲେ
କିଏ ପଠେଇଥିଲା ବୁଝାମଣାର ପ୍ରସ୍ତାବ ।

ଜାଣିଯିବେ କାହିଁକି ଫୁଲହୀନ ହେଇଛି
ସେ ବଉଳ ଗଛ
ଖୋଲୁନି କାହିଁକି କାହା ଦାଣ୍ଡ କବାଟ ।

ସମସ୍ତେ ବି ଜାଣିଯିବେ
କାମ କରୁ କରୁ କାହିଁକି
ଉଠେଇ ନେଲେ ଶୁରିଆକୁ
କାହିଁକି ଖୁଡୀ ପଳେଇଛି
ଦି ବର୍ଷ ହେବ ବାପଘରକୁ ।

ଜାଣିଯିବେ ସମସ୍ତେ ଜହ୍ନ ରାତିରେ
କାହିଁକି ଚରୁଛି ବିଷ
ମେଳନ ପଡିଆରେ ବାଜା ବାଜୁ ବାଜୁ
କାହିଁକି ଭାସେ ରକ୍ତ ।

ସମସ୍ତେ ଜାଣିଯିବେ
ଭଲ ପାଉପାଉ ସବୁ ହରେଇ ହରେଇ
କାହିଁକି ଭୁଲ ଟ୍ରେନରେ
ଦୂରକୁ ପଳେଇଛି କିଏ ଜଣେ
ଲୁହ ଛାଡ଼ି ଦେଇ ଯାଇଛି
ମାଧବୀଲତା ପାଖରେ ।

ଜାଣିଯିବେ ସମସ୍ତେ
କାହିଁକି ବାର ବାର ଗାଆଁ ଗାଆଁରେ
ନିଆଁ ଜଳେ
ମାଳତୀର ଗୋପନ ଅତର ଛାରଖାର ହୁଏ
ତାର ପଣ୍ଡସ୍ ପାଉଡରର ବାସ୍ନା
ଦିନକୁ ଦିନ ଉଡି ଯାଉଥାଏ ।

♥ ଘର ନଂ - ୧୦୪ , ମଞ୍ଜନାଥ
ଭିଲା ଫେଜ୍ -୨ , ବାଲିଅନ୍ତା
ଭୁବନେଶ୍ୱର -୭୫୨୧୦୧
(ମୋ) ୯୯୩୭୪୯୦୬୪୭

### ରାଈ କିଶୋରୀ
**ବାବାଜୀ ଚରଣ ଜେନା**



ରାଈ ରାଈ ଡାକେ ବଂଶୀ ଗୋପ ଯେବେ ପଡେ ଶୋଇ
ଶୁଣିବାକୁ ସେଇ ସ୍ୱନ ଜଣେ ଏକା ଥାଏ ଚେଇଁ
ହେଲେ ଯାଇ ପାରେନାହିଁ ତା'ର ଲୁହ ହୋଇଯାଏ ନଈ ।୦।

କଦମ୍ବ ଫୁଲ ମହକେ ମହକି ଉଠଇ ଧରା
ଅପବାଦ ବାଜା ବାଜେ ଗୋପ ନଗରୀଟା ସାରା
ମଥାପାତି ରହେ ଯାହା ରସରାଜ ପ୍ରେମ ପାଇଁ
ଅମୃତମୟ ସେ ପ୍ରେମ ମନୁ ଭୁଲି ହୁଏ ନାହିଁ
ହେଲେ ଯାଇ ପାରେନାହିଁ ତା'ର ଲୁହ ହୋଇଯାଏ ନଈ।୧।

ଜଞ୍ଜାଳ ବେଡି ପଡ଼ିଛି ଆକଟ ବି ହୋଇଅଛି
ରାଶ୍ୱେସ୍ୱର କୃଷ୍ଣ ପାଇଁ ସହୁଅଛି ସବୁକିଛି
ପାଗଳୀ କରେ ଯମୁନା ତା'ପାଖକୁ ଆସେ ଧାଇଁ
କୃଷ୍ଣ ପାଦ ପଡ଼ିଅଛି ସେ ଯମୁନା ଜଳେ ଯହିଁ
ହେଲେ ଯାଇ ପାରେନାହିଁ ତା'ର ଲୁହ ହୋଇଯାଏ ନଈ।୨।

♥ ଅହଲ୍ୟା ନିବାସ, ପୋପରଡା, ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

### ଖୁଚୁରା
**ପ୍ରଶାନ୍ତ କୁମାର ଦାଶ**



କେବେ କାହାକୁ ଦେଖିଛ,
ନିଜ କାନ୍ଦୁଥିବାର ମୁହଁ
କାନ୍ଥ ଉପରେ ଟଙ୍ଗେଇଥିବାର,
ଅବା ଦୁଃଖକୁ ୱାଲ୍‌ପେପର୍ କରି
ମୋବାଇଲ୍‌ରେ ରଖିଥିବାର ?

ଅତୀତକୁ ଜୁମ୍ କରି ଦେଖିଲେ
ଗୋଟା ଗୋଟା ଦିଶିଯାଏ ସତ,
ଜୀବନର ମୁହଁ କେତେ
ଦୀପ୍ତ କେତେ ବ୍ରଣଯୁକ୍ତ ।

ଲୁହ ବୁନ୍ଦାକୁ ଲହରି ଭଳି
ଲହରେଇ ଦେବାର
ଟେକ୍‌ନିକ୍‌କୁ ଆୟତ୍ତ କରି ସାରିବା ଅନ୍ତେ
ଜିଭମାନେ ଡେଙ୍ଗୁରା ପିଟନ୍ତି
ଲୋକଟା କୁହୁକବିଦ୍ୟାରେ
ବେଶ୍ ପାରଙ୍ଗମ ।

ତେଲ ଲୁଣର ସଂସାରରେ
ତେଲ ଓ ଲୁଣର ଭାଗମାପ କରୁ କରୁ
ସମୟର ସ୍ୱାଦ କେତେବେଳେ ଅଲଣା,
କେତେବେଳେ ଲୁଣିଆ ଓ
ଟିକେ ଅନ୍ୟମନସ୍କତାରେ
ଜୀବନଟା ତେଲ ସରସର,
ଆହାଃ !
ବିଚରା ସଂସାରୀ ଓ ତା'ର ସଂସାର ।

ନିଜକୁ ଖୁଚୁରା ଖୁଚୁରା କରି
ଖର୍ଚ୍ଚ କରିଦେଲା ପରେ ବି
ନିଜ ଭାଗରେ
ନିଜର ଛାଇ ଛଡ଼ା କିଛି ନଥାଏ ।

♥ ରେଗଡା, ଏମ୍.ରାମପୁର,
କଳାହାଣ୍ଡି
ମୋ-୭୭୩୫୪୧୯୫୭୩

# ଭାତ ଖୋଜିବାକୁ ଯୋଉ ଭାଷା ଲୋଡ଼ା, ମଣିଷ ତାକୁ ଆଦରି ନେବ: ଅଜୟ ପ୍ରଧାନ

**ଅଜୟ ପ୍ରଧାନ** ଓଡିଆ କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଓଡ଼ିଆ ସାହିତ୍ୟ ଜଗତରେ ଠାଣି, ଚାହାଣି ଓ ଚଳଣିର କବି ଭାବରେ ବେଶ୍ ପରିଚିତି ହାସଲ କରିଥିବା ଅଜୟ କେବଳ କବିତା ନୁହେଁ, ଗଳ୍ପ ଓ ସ୍ତମ୍ଭ ରଚନା ସହ ସମ୍ପାଦନା କ୍ଷେତ୍ରରେ ମଧ ପ୍ରଦର୍ଶିତ କରି ସାରିଛନ୍ତି ସ୍ୱକୀୟ ନିଷ୍ଠା । "ଜୀବିତ ଅବସ୍ଥାରେ ଯିଏଯେତେ ବଡ଼ ପୁରସ୍କାର ପାଇଲେ ବି ତାକୁ ସାନ୍ତ୍ୱନା ବା ପ୍ରେରଣାଦାୟୀ କୁହାଯିବା ସମୀଚୀନ; ଅସଲି ପୁରସ୍କାର ମୃତ୍ୟୁ ପରେ" ମିଳେ ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



### ■ ଅଳ୍ପରେ ଅଜୟ ପ୍ରଧାନ



ନାମ - ଅଜୟ ପ୍ରଧାନ
ଜନ୍ମ- ୧୦.୦୬.୧୯୬୨
ଜନ୍ମସ୍ଥାନ - ପୁରୀ, ଓଡିଶା
(ମୋ) ୭୯୭୮୮୫୮୦୯୧

**ପ୍ରକାଶିତ ପୁସ୍ତକ (କବିତା)**
୧) ଭୂମିପର୍ବ ? (୧୯୯୧)
୨) ଶବ୍ଦ ସାତତାଳ (୧୯୯୭)
୩) ସେଇ ସବୁକଥା (୨୦୦୧)
୪) ବଇଦା'ନା ଓ ଅନ୍ୟମାନେ (୨୦୦୩)
୫) ଅପୂର୍ବା (୨୦୦୫)
୬) ଆନନ୍ଦ ଭୈରବୀ (୨୦୦୮)
୭) ପାଣି ଦେବତା (୨୦୧୩)
୮) ମୁସାଫିରର ଡାଏରୀ (୨୦୧୪)
୯) ରାମବାଣ (୨୦୧୭)
୧୦) କହିବେନି ଟି ! (୨୦୧୯)
୧୧) ଅକ୍ଷର ଯଜ୍ଞ (୨୦୨୦)
୧୨) ଚଂଦ୍ରବର୍ଣ୍ଣା (୨୦୨୩)
୧୩) ଜୁହାର ଆଜ୍ଞା (୨୦୨୩)

**ଗଳ୍ପ ସଂକଳନ :**
୧)–ନନ୍ଦିତା ଆସୁଛି (୨୦୦୩)

**ଇଂରାଜୀ ଭାଷାରେ ଅନୁବାଦିତ ସଂକଳନ**
୧) ପାଟ୍ରିଅଟ୍ ଏଂଡ୍ ଆଦର୍ଶ ପୋଏମ୍ ସେ (୨୦୨୩)
୨) ଦ ଅଦର୍ ସେଲଫ୍ (୨୦୨୩)
୩)ଓମାନ୍ ଏକ୍ସଟ୍ରାଅର୍ଡିନେୟାରେ

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଭାତ, ଡାଲି, ଚା,କଫି,ମାଛ, ମାଂସ ଯେମିତି ଖାଦ୍ୟ ଶରୀରକୁ ସଜୀବ କରିଥାଏ, ମନକୁ ହୃଦୟକୁ ଚଳଣିକୁ, ସମ୍ପର୍କକୁ ସେମିତି ସଞ୍ଜିବନ ରଖେ ଆଉ ତାକୁ ମଧୁରତମ ଭାବରେ ବାନ୍ଧି ପାରେ କବିତା। ସତ ଭାବିଲେ, ଜୀବନର ଏକମାତ୍ର ବନ୍ଧୁ କବିତା, ଯିଏ ସବୁବେଳେ ଚାହେ ଜୀବନକୁ ଜିଏଇ ରଖିବାକୁ ! ଟିକେ ଅଧିକ କହିଲେ କହିବି କବିତା, ମଣିଷ ମାଟି ଓ ପ୍ରେମର ଭୋକ ଶୋଷ ନିଦ ମେଣ୍ଟେଇବା ପାଇଁ ଏକମାତ୍ର ବଟିକା ! ଏଇ ହେତୁ କବିତା ମଣିଷର ପ୍ରାଥମିକ ସାଥୀ ଓ ସମ୍ପଦ। କବିତା ହିଁ ଜୀବନର ଏକମାତ୍ର ବନ୍ଧୁ, ଯିଏ ଜୀବନ ସହ ଜିଇଥାଏ। ମଜାଦାର କଥା ଏଇ ଯେ ସୁଖ ଆନନ୍ଦକୁ ମଣିଷ ଯେତିକି ଅନୁଭବ କରେ ତାର କେଇଗୁଣ ଅଧିକ ଦୁଃଖକୁ ଅନୁଭବ କରେ। ଆଉ, ଦୁଃଖ ଓ ଭୋକ ହିଁ କବିତାର ଜୀବିକା ଯୋଉଥିରୁ ଅର୍ଜନ କରେ ଅଥଚ ସେ ଖର୍ଚ୍ଚ କରିପାରେ ନାହିଁ। ମଣିଷ ଅନୁଭବ ଓ ତାର ଅକୁହା ବେଦନାକୁ ଖର୍ଚ୍ଚ କରିବା ପାଇଁ, କହିବା ପାଇଁ କବିତା। କବିତା କହେ, ଲେଖେ ଅଥବା ଗାଏ। ମଣିଷ କିଛି ସମୟ ପାଇଁ ସବୁ କଷ୍ଟ ବେଦନା ଯନ୍ତ୍ରଣା ଭୁଲିଯାଏ। କବିତା ଏଥିପାଇଁ ବହୁତ ଜରୁରୀ। ଏହା ବହିଯାଏ, ବୋହିନିଏ! ଏତେ ଜଳଦି ଆଉ ପାରିବାର ଶକ୍ତି କା'ର ନାହିଁ ! ସବୁ ଦୁଃଖକୁ ବଦଳେଇବାର କ୍ଷମତା ଏଇ କବିତାର। ଜୀବନର ଏତେ ଶୋଷ, ଏତେ ଭୋକ ଏତେ ଦୁଃଖ ଏତେ ବ୍ୟଥା ଏତେ ବେଦନା ଅଛି ଯେ ତାର ସମାନୁପାତିକ ସୁଖ କେବେ ବି କୋଉଥିରୁ ମିଳେନାହିଁ; ମିଳିବାର ଆଶା କି ସମ୍ଭାବନା ଇ ନାଇଁ। ମୋ ପାଇଁ କବିତା ଏକ ଜୈବିକ ସାର ଯୋଉଥିରୁ ଜୀବନ ଓ ଜୀଇବା ପାଇଁ ଅମ୍ଳଜାନ ସଂଗ୍ରହ କରେ।ମୋର ବି ସେମିତି ଜୀବନରେ ଅମ୍ଳଜାନର ଅଭାବ ଅନୁଭୂତ ହେଇଛି। ଏ ଅଭାବଗୁଡ଼ିକୁ ଦୂର କରିବାପାଇଁ କବିତାରୁ ଶକ୍ତି ସଂଗ୍ରହ ମୁଁ ୧୯୭୬ ପରବର୍ତ୍ତୀ ସମୟରୁ ଆରମ୍ଭ କରିଚି। ମୁଁ ଆରମ୍ଭ କରିଥିଲି ଏକ ଦ୍ୱିପ୍ରହରରେ ଯେତେବେଳେ ମୋତେ ଲାଗିଲା ଗୁଡ଼ାଏ ଶୂନ୍ୟତା ମୋ ଉପରେ ଲଦିହେଇଯାଇ ଆକତାମାକତା କରିଦେଉଚି। ଗଦ୍ୟରେ ମୁଁ କେବେ ବି କରି ପାରିନଥାନ୍ତି; ପୁଣି ଗୋଟାଏ ସ୍ୱଳ୍ପ ମିଆଦୀ ଘଟଣା ବା ଦୃଶ୍ୟ ବା ଅନୁଭବକୁ। ଏଇଥିପାଇଁ କବିତା । ଆଉ, ଯୋଉ କବିତା ମୁଁ ଲେଖିଥିଲି ( ଠିକ୍ ବି ନ ହେଇପାରେ) ସେଇଟା ବଡ଼ ହାସ୍ୟାସ୍ପଦ କଥା ଥିଲା। ଭାଷା ଥିଲା ରୀତିଯୁଗୀୟ ଓ ବ୍ୟାକରଣ ସର୍ବସ୍ୱ। ସେ କବିତାର ନାଆଁ କିନ୍ତୁ ମନେଅଛି: ବର୍ମ୍ମ। ସାଙ୍ଗେ ସାଙ୍ଗେସାଙ୍ଗେ ପଠେଇ ଦିଆଗଲା 'ଝଙ୍କାର'କୁ ! ଏଇ ଆକୁଳତା, ଏଇ ବ୍ୟାକୁଳତା,ଏଇ ପ୍ରବଣତା, ଏତେ ଦଗ୍ଧୀଭୂତ ଅବସ୍ଥା -କୁ କବିତା ବ୍ୟତୀତ କିଏ ଆଉ ବୋହୁଥିବା ଝରଣା ପାଣିକୁ ଆଞ୍ଜୁଳାରେ ଧରିପାରିବେ। ବିଷ୍ଣୁ ତରଳି ଯାଇ ବୋହି ଯିବାରେ କିଛି ନାଇଁ; କିନ୍ତୁ ବ୍ରହ୍ମାଙ୍କ କମଣ୍ଡଳୁ ତାକୁ ଧରି ରଖିବା ବଡ଼ କଥା। ନ ହେଲେ ଗଙ୍ଗା କେବଳ ପାଣି ! ପ୍ରତ୍ୟେକ ପାଣିର ଧାରକ ହେଉଛି କବିତା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣାର ଉତ୍ସ ହଉଚି ଗୋଟିଏ ଛୋଟିଆ ଗପ: 'ତିନୋଟି ପ୍ରଶ୍ନ'। ଟଲଷ୍ଟୟଙ୍କ ଏ ଗଳ୍ପଟି ଉଣାଅଧିକେ ପଢ଼ିଥିବେ। ଗପଟିର ସାରାଂଶ ଥିଲା: (୧) ସର୍ବଶ୍ରେଷ୍ଠ ସମୟ ହେଉଚି 'ବର୍ତ୍ତମାନ',(୨) 'ପାଖରେ ଥିବା ଲୋକଟି' ( ଯିଏ ହଉ) ହଉଚି ସର୍ବଶ୍ରେଷ୍ଠ ବନ୍ଧୁ,(୩) 'ଯୋଉ କାମଟି କରୁଚ' (ବର୍ତ୍ତମାନ)ସେଇଟି ସର୍ବଶ୍ରେଷ୍ଠ କାମ ! କହିବା ଉଦ୍ଦେଶ୍ୟ, ବର୍ତ୍ତମାନ ହେଲା ସମୟ ଏକକ; ଯାହା ଆଧୁନିକ କବିତା ଓ ମାନବବାଦ ଲେଖାର ଭୂମି। ଯାହାକୁ ମୁଁ ଗ୍ରହଣ କରିଚି ଓ ବର୍ତ୍ତମାନର ଚଳନ୍ତି ଏକକ: 'ବର୍ତ୍ତମାନତା' ମୋ ପାଇଁ ଖାସ୍ ମାଏନା ରଖେ। ଏଇ 'ବର୍ତ୍ତମାନତା' ବିନ୍ଦୁରୁ ମୁଁ ସବୁଦିଗକୁ ଯାଏ । ଦ୍ୱିତୀୟ କଥାଟି ବନ୍ଧୁ। ମୋ ପାଖରେ ଥିବା ମଣିଷ, ପ୍ରକୃତି, ଘଟଣା, ସାମ୍ନାରେ ଘଟୁଥିବା ଯାହାକଛି, ମୋ ପଡୋଶୀ ତଡୋଶୀଙ୍କ ଦୁଃଖ, କଷ୍ଟ, ବେଦନା ସବୁସବୁ ଓ ସମାଜ । ବ୍ୟକ୍ତିକ ସମୟ ସ' ସାମାଜିକ ସମୟକୁ ଫେଣ୍ଟି ଗୋଟିଏ ପ୍ରାକୃତିକ ସମୟ ଭିତରେ କେଇଟି ଶବ୍ଦ-ଖାଦ୍ୟ ପୁଡ଼ିଆ ଯତ୍ନରେ ରଖିଦେବା। ଖାଇବାକୁ ଥିବା ଲୋକ ଖାଇବେ ଓ ଯା' କହିବା କଥା କହିବେ। ତୃତୀୟଟି ହେଲା କର୍ମ ଅର୍ଥାତ୍ କବି କର୍ମ, ସେଇଟା ବି ଠିକ୍ ଭବେ ନ କଲେ ଅସୁବିଧା। କାମ ପାଇଁ ମିସ୍ତ୍ରୀ ଭଳି ଯତ୍ନ ନେବାକୁ ହେବ। ଅତଏବ, ଟଲଷ୍ଟୟ ହିଁ ମୋର ପ୍ରେରଣା- ବିନ୍ଦୁ ! ବସ୍ତୁତଃ ମୋ ସାହିତ୍ୟର ଆଦ୍ୟ ଗୁରୁ ଟଲଷ୍ଟୟ। କିନ୍ତୁ, କବିତାରେ ? କାଳକ୍ରମିକ ଶିକ୍ଷକମାନେ ଅଛନ୍ତି, ଯୋଉମାନଙ୍କଠୁ ସମୟ ସମୟରେ ମୁଁ ଶିକ୍ଷା ନେଇଚି। କେତେ ନାଆଁ କହିବି। ତେବେ, ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ରଥ, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, କମଳାକାନ୍ତ ଲେଙ୍କା ମୋ କାବ୍ୟ ଧାରାରେ ଯେ ସାମିଲ୍, ଏଥିରେ ସନ୍ଦେହ ନାଇଁ। ଏମାନଙ୍କ କବିତା ଓ ଗଦ୍ୟ ଉଭୟ ପ୍ରେରଣାଦାୟକ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ଦୈବଯୋଗ ଥିଲା ସବୁ। ୧୯୭୪-୭୫ ମସିହାରେ ପ୍ରିୟ ଶିକ୍ଷକ ସୌମ୍ୟଶ୍ରୀ ବିଧୁଭୂଷଣ ପଟ୍ଟନାୟକଙ୍କର ପ୍ରସ୍ତାବ ଓ ନିର୍ଦ୍ଦେଶ କ୍ରମେ ଗୋଟିଏ ସାହିତ୍ୟ ପତ୍ରିକା, ବାଇଣ୍ଡିଂ ଖାତାରେ ହାତରେ ଲେଖାହେବ ଓ ଦାୟିତ୍ୱ- ଅଜୟ ! ତାପରେ ଆସିଗଲା କଲେଜ୍, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୧୯୭୯ ମସିହାରେ କବିତା ବିଭାଗରେ ପ୍ରଥମ। ଠିକ୍ ସେଇ ବର୍ଷ ସୁରେଶ ବହିଦାରଙ୍କ ସମ୍ପାଦନା ଓ ସହ ସମ୍ପାଦନା ଅଶୋକ ମହାନ୍ତିଙ୍କ ସାହିତ୍ୟ ପତ୍ରିକା 'ସମୁଦ୍ର'ରେ ମୁଁ ଦେଖିବା ଓ ପାଖରେ ପାଇବା ପ୍ରଥମ ପ୍ରକାଶିତ କବିତା 'ମନେହୁଏ' ଓ ଠିକ୍ କିଛି ଦିନ ପରେ 'ସୌରଭ' (ସୌମ୍ୟାଶ୍ରୀ ବୀଣା ମହାପାତ୍ର, ସମ୍ପାଦକ) ! ବାସ୍, ଗପ ତ ଲେଖୁଥିଲି କିନ୍ତୁ କବିତା ଲେଖିଲି ଜୋରସୋର୍ । ୧୯୮୨ରେ ବୋଧେ ପୂଜା 'ଅମୃତାୟନ' ଓ ୧୯୮୫ରେ 'ଝଙ୍କାର'ରେ(ରଜନୀ ମହାନ୍ତିଙ୍କ ଚମତ୍କାର ଗଳ୍ପ ପୁସ୍ତକର ସାଧାରଣ ଗ୍ରନ୍ଥ ଆଲୋଚନା ସ') ପ୍ରକଟ ହେଲା 'କବି' ! ମୋ ବହିର ପ୍ରକାଶନ ସ' ମୋ କାବ୍ୟ-ଯାତ୍ରା ଏପଟସେପଟ। କାରଣ ବହିଟିଏ କୋଉ ପ୍ରକାଶକଙ୍କୁ ଦେଲାପରେ ସେଇଟି କେବେ ବାହାରିବ ତା ଆଜି ଭଳି କହିହେଉ ନ ଥିଲା। ତେବେ, ଏ କ୍ରମ ଛାଡ଼ି ମୁଁ ସୂଚନା ଦିଏ ଯେ ମୋର ଓଡ଼ିଆ ଭାଷାରେ ତେରଟି କବିତା ବହି, ଗୋଟିଏ ଗପ ବହି ଓ ଇଂରାଜୀ ଭାଷାରେ ଅନୁବାଦ ହେଇଥିବା କବିତା ତିନିଟି ବହି ପ୍ରକାଶ ପାଇସାରିଛି। ଭଲ ଲାଗିବା ବହି 'ଶବ୍ଦ ସାତ ତାଳ' । କହିରଖେଁ ଏ ଯାବତ୍ କବିଏ ପାରଦଉଠା କବି ବା ସମାଲୋଚକ, ପ୍ରାୟତଃ, ଅଧାପକ ଆଉ ପ୍ରଧାପକଙ୍କ ଦ୍ୱାରା ଲେଖା ଯାଉଥିଲା ବେଳେ, ଏଇଟି ପ୍ରଥମେ ସେଥିରୁ ବାହାରେ ରହିବା ସ' କାବ୍ୟ-ଯାତ୍ରା ପାଇଁ ମଧ ପ୍ରଥମ କାବ୍ୟ-ଭୂମି ପ୍ରସ୍ତୁତ କରିଥିଲା ଯାହା ଏକ ବିକଳ୍ପ କବିତାଦର୍ଶରେ ପରିଣତ ହେଇଥିଲା। କବିତାର ସାମାଜିକ (ଏହା ପ୍ରଗତିବାଦୀ କି ସ୍ୱରାଜ୍ୟ ବାଦୀ କି ସମାଜବାଦୀ ନୁହେଁ ) ବହୁସ୍ତରୀୟ ବାସ୍ତବମୁଖୀନତା ବା ବାସ୍ତବତା। ଲବଙ୍ଗ ଦ୍ୱୀପ କି ଏସିଆ ନୁହଁ, ଆମ ପାଦ ତଳ, ପାଦ ପାଖ, ପାଖର ପାଖ ହିଁ ଆମର ପ୍ରାଥମିକ କାବ୍ୟ- ଭୂମି। ଈଶାଣ। ଏଇଟା ବାଦ ନୁହଁ; ଏଇଟା ଦୃଷ୍ଟିକୋଣ। ଆଉ ଗୋଟେ ବହି 'ଆନନ୍ଦ ଭୈରବୀ' ଯୋଉଠି କବିତାମାନେ ପୂର୍ଣ୍ଣ ସ୍ୱାଧିନତା ପାଇଛନ୍ତି, ସମସ୍ତ କବିତା ଅନୁପ୍ରବେଶୀୟ ଓ ଭାଷା ଚରିତ୍ରାନୁସାରୀ। 'ଅପୂର୍ବା' ଏକ ଲୌକିକ ପ୍ରେମ କାହାଣୀ ଭିତରେ କବିତା ଓ କବିର, ପ୍ରେମିକା ଓ ପ୍ରେମିକର ସମ୍ପର୍କର ସାମାଜିକୀକରଣ ଏମିତି କରାଯାଇଛି ଯେ ଏହା ସୌନ୍ଦର୍ଯ୍ୟ, ସ୍ମୃତି-ପ୍ରବାହ ଓ ଶବ୍ଦାବେଗର ସାଧାରଣ ପ୍ରବଣତା ଏକ ଆଧାତ୍ମିକ ସ୍ତରରେ ଶେଷ ହେଇଚି। 'ଅକ୍ଷର ଯଜ୍ଞ', ଯାହା ଲମ୍ବା କବିତାର ଏକ ସଙ୍କଳନ। ଏଥିରେ କୌଣସି କବିତା ଭଲ ନ ଲାଗିବାର କାରଣ ନାହିଁ। ଭୌତିକ ତଥା ବ୍ୟକ୍ତିକ ବିଡମ୍ବନା, ରାଜନୈତିକ ଅର୍ଥନୈତିକ ଆଧାତ୍ମିକ ଓ ଅସହିଷ୍ଣୁତା ମୁକ୍ତ ଭାବରେ ପ୍ରେରଣାର ଉତ୍ସ ସ' କେବଳ ସାମିଲ୍ ହେଇନାହିଁ; ବାସ୍ତବତାର ବହୁମୁଖୀନତାକୁ ବି ଦର୍ଶାଇବାରେ କାଣିଚାଏ ସ୍ଥାନ ଛାଡ଼ି ଯାଇନାହିଁ। ଶେଷରେ 'ଚନ୍ଦ୍ରବର୍ଣ୍ଣା' । ପ୍ରେମର ଅଲୌକିକ ଅତିନ୍ଦ୍ରୀୟ ଅଦ୍ୱିତୀୟ ଦ୍ୱୈତାଦ୍ୱୈତକୁ ଜଣେ ସାମାଜିକ ଉପେକ୍ଷିତା ନାରୀ ସମ୍ଭୋଗ ସମର୍ପଣ ଓ ସାନ୍ତ୍ୱନା; ତ୍ୟାଗ, ଭୋଗ ଓ ଅନୁରାଗରେ ଆତ୍ମ ପ୍ରତିଷ୍ଠା ଲାଭ କରୁଚି; କବି ଓ ଆଲୋଚକମାନେ ଦେଖିପାରିବେ। ବଇଦା'ନା ଓ ଅନ୍ୟମାନେ ଯାହା ପୁରୀ ବୋଲି ବାଣୀ, ଠାଣି ଓ ଚଳଣିର ଜୀବନ୍ତ ଦସ୍ତାବିଜ। ନିଜକୁ ସବୁ ବହି ନିଜର ଭଲ ଲାଗେ। କିନ୍ତୁ ମୋତେ ଅନ୍ୟକୁ ଭଲ ଲାଗୁଥିଲେ ବି ଏତେ ଖାସ୍ ଲାଗେନା 'ରାମବାଣ' ! ବାକି ଯୋଉ କବିତା ବହି ସେଥିରେ ଭାବ, ଭାଷା, ଅଭିସନ୍ଧି, ରାଜନୀତି, ପ୍ରେମ ଓ ସମସ୍ୟା ସବୁ ମିଳିବ। ତେବେ, ଏତିକି ଓ ଏହା ଶେଷ କଥା ନୁହଁ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଆଶାର ଶେଷ ନାହିଁ। ଭାଷାର ଶେଷ ଅଛି। କିନ୍ତୁ ଜଣେ ଜୀବିତ ଥିବା ଯାଏଁ ଭାଷା ରହିବ। ଆପଣ ତ ଜାଣନ୍ତି ଓଡ଼ିଆ ଅଛମର। ଓଡ଼ିଆ ଭାଷା ବିଲୁପ୍ତ ହେବାର ନାଇଁ । ଏ ମାଟି ଛାଡ଼ି ବେଶୀ ଲୋକ ଯାଇପାରିବେ ନାଇଁ। ଆମର ଚଳଣି, ଚିନ୍ତାଧାରା, ଉତ୍ସବ, ଜଗନ୍ନାଥ ସବୁ ବାନ୍ଧି ରଖିଚି। ପୁରାଣ ପାଠ, ଭାଗବତ ଶ୍ରବଣ, ପାଲା, ଦାସକାଠିଆ, ରାସ, ସୁଆଙ୍ଗ ହିଁ ସାହିତ୍ୟ ଓ ଭାଷାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚଉଥିଲା ଓ ବିକଳ୍ପ ନ ଥିବାରୁ ରସିକ, ପଣ୍ଡିତ ବା ଜିଜ୍ଞାସୁମାନେ ଚର୍ଚ୍ଚା କରୁଥିଲେ। ସେ ଚର୍ଚ୍ଚା ଯେତେ ବଢ଼ିବଢ଼ି ଯାଉଥିଲା; ବ୍ୟକ୍ତି ତାର ଜ୍ଞାନ ଆଉ ପଠନର ଗଭୀରତାକୁ ଜଣଉଥିଲା। ଉଭୟ ପକ୍ଷର ଆଲୋଚନା ଓ କଥାରୁ ସାଧାରଣ ଲୋକଙ୍କର ଖାଦ୍ୟ ହଜମ ପ୍ରକ୍ରିୟା ଓ ଭାଷାର ବ୍ୟାୟାମ ବେଶ୍ ହେଇପାରୁଥିଲା । ସାହିତ୍ୟର ଆଦର ପାରସ୍ପରିକ। ଆଗ୍ରହ ସୃଷ୍ଟି ପାଇଁ ଅନେକ ପ୍ରୟାସ ତ କରାଯାଇଚି, ଯଥା: ସାହିତ୍ୟ ହାଟ, ପୁରସ୍କାର, ଉତ୍ସବ, ଯୁବ ପୁରସ୍କାର - ଯୋଉଟା ବହୁତ ଆଗ୍ରହ ସୃଷ୍ଟି କରେଇପାରିଚି, ଭ୍ରମଣ ଅନୁଦାନ - ଯୋଉଟା ଆମ ଭାଷା ସାହିତ୍ୟରେ ବେଶୀ ଦରକାର ଓ ଜରୁରୀ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ବେଳେଅଧେ କେତେକ ପାରିପାର୍ଶ୍ୱିକ କାରଣ ହେତୁ ମାତୃଭାଷା ( ଓଡ଼ିଆ ତ ?) ଏମିତି ମନେ ହେବା ସ୍ୱାଭାବିକ। ଜଣେ ଅଧେ ବିଚଳିତ ହେଲେ କଣ ହେବ ? ଏଥିପାଇଁ ସାମୂହିକ ବିଚାର ଓ ଭାଷା ପ୍ରସାରମୁଖୀ ରାସ୍ତା ଖୋଜିବାକୁ ହେବ। ଦ୍ୱିତୀୟରେ, ଓଡ଼ିଆ ଭାଷାର ବ୍ୟବହାର ହିଁ ତାର ବିକାଶ। ନମସ୍କାର ବଦଳରେ ଇମୋଜିର ନିସ୍ପନ୍ଦ ପାପୁଲି ଯଦି ଆମକୁ ଉତ୍ସାହିତ କରିବ; ଭାଷା ନିଷ୍କାସନ ପାଇଁ ଏଇ ଭଳି ଠାର ଚିତ୍ର ଯଦି ମୁଖ୍ୟ ସ୍ଥାନ ନେବ; ଅବସ୍ଥା କଣ ହେବ ? ବୋଧହୁଏ ଏମିତି ବି ହେବ, ପକେଟରେ ଏଇ ଇମୋଜିମାନେ ଥିବେ ଓ ଯୋଉଠି ଯା' ଦରକାର ସେଇଠି ଗୋଟେ ଗୋଟେ ଦେଖେଇ ଦେଲେ କାମ ଶେଷ ! ତୃତୀୟ ଓ ମୁଖ୍ୟ କଥାଟି ହେଲା, ଭାଷା ସାହିତ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ବହୁତ ଜରୁରି। ଏଥିପାଇଁ ସେମାନଙ୍କ ଆଗ୍ରହ ସୃଷ୍ଟି କରିବା, ଆର୍ଥନୀତିକ ସମ୍ବନ୍ଧ ଯୋଡ଼ିବା, ମାଗଣାରେ ଭାଷାସାହିତ୍ୟ ଶିକ୍ଷା ଓ 'ନିଶ୍ଚିତ ନିଯୁକ୍ତି' ନୀତି ପ୍ରଚଳନ କରିବା ! ପେଟ ଗୋଟେ ପଟେ ଓ ଦୁନିଆ ଗୋଟେ ପଟେ। ଭାଷା ଯଦି ଭୋକ ନ ମାରିପାରିବ, ଜୀବନକୁ ରଖିବା ପାଇଁ ପ୍ରଯତ୍ନ ନ କରିବ; ତେବେ ଭାତ ଖୋଜିବାକୁ ଯୋଉ ଭାଷା ଲୋଡ଼ା, ମଣିଷ ତାକୁ ଆଦରି ନେବ। ନବେ ଦଶକରେ ବମ୍ବେ ଓ ତା ଆଖପାଖ, କଲିକତା ଓ ତା ଆଖପାଖ ଲୋକ ଦୂରଦର୍ଶନରେ ଯେମିତି ସୁବିଧା ସୁଯୋଗ ଓ ଆର୍ଥିକ ଲାଭ ସାହିତ୍ୟରୁ ପାଇଥିଲେ, ସେମିତି ବି କମ୍ ବେଶୀ ଅନ୍ୟ ସ୍ଥାନରେ ପାଇଛନ୍ତି। ଅନେକ ପ୍ରଯୋଜକ ବି ସାହିତ୍ୟ କରିବାକୁ ଆଗେଇ ଆସିଲେ। ରାମାୟଣ ଓ ମହାଭାରତର ଲୋକପ୍ରିୟତା ହିଁ ସାହିତ୍ୟର ଲୋକପ୍ରିୟତା। ଖାଲି ଏମାନେ ନୁହନ୍ତି, ଅନେକ ସିରିଏଲ୍ ବି ଲୋକଙ୍କୁ ଆକୃଷ୍ଟ କରିଛି। ଏବେ ଖଣ୍ଡିତ ହେଇଛି। ୟୁଟ୍ୟୁବ୍, ଫେସବୁକ୍ ଇତ୍ୟାଦି। କହିବା ବାହୁଲ୍ୟ, ସମୟକୁ ଚାହିଁ ଭାଷା ବି ତା' ନିଜକୁ ସଙ୍କଟରୁ ଉଦ୍ଧାର କରିବାର ବାଟ ଖୋଜିବ ଓ ସାହିତ୍ୟିକମାନେ ସେଇ ବାଟରେ ଭାଷାକୁ ଚଲେଇବାକୁ ବାଧହେବେ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତାର ସଂଜ୍ଞାକୁ ନେଇ କାହା ମତ କେମିତି। କବିତା ହେଲାପରେ ଯାଇ 'ଭଲ'। କାହାକୁ କବିତା ଭଲ ଲାଗିଲା ମାନେ, ବୁଝିବାକୁ ହେବ ଯେ ପାଠକ ନିଶ୍ଚୟ ଦଗ୍ଧ କି ମୁଗ୍ଧ କି ସ୍ତବ୍ଧ ହେଉଚି କି ରୁଦ୍ଧ ( ଶବ୍ଦରୁଦ୍ଧ, ଶ୍ୱାସରୁଦ୍ଧ, ବାକ୍ ରୁଦ୍ଧ), ନଚେତ୍ କ୍ଷୁବ୍ଧ (ନୀରବ ରହିବା ପାପ -, ଏ କଥା କବିତାରୁ ଜଣେ ସଚେତନ ହେଲେ ଓ ଅନ୍ୟାୟ ବିରୁଦ୍ଧରେ କହିବା ଆରମ୍ଭ କରିପାରନ୍ତି ! କବିତାଟି ତାଙ୍କୁ ବିଦ୍ଧ କରିଚି ବୋଲି ବି କହିହେବ।) ସିଦ୍ଧି ଥିଲେ ଭଲ କବିତା ଜାଣି ହେଇଯାଏ !

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଏ.....ଏ.... ଏତେ !

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଆଜ୍ଞା, ପୁରସ୍କାର ଗୋଟେ ଉତ୍ସାହ; କିନ୍ତୁ ଯାକୁ ଉତ୍ସବ ଭାବି କଳ୍ପନା କରି ଯୋଉ ପ୍ରକାର ଅବସ୍ଥା ହେଉଚି ଲେଖକମାନଙ୍କର, କହିଲେ ନ ସରେ। ଲେଖକ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଚି ତା 'ଲେଖା' ! ଶିଳ୍ପ ଓ ବଜାରର ବ୍ୟାପ୍ତି ପାଇଁ ଏଇଟା ଏବେ ଅସ୍ତ୍ର। ଦେଖୁଥିବେ, ପୁରସ୍କାର ପାଇଲା ପରେ ବହି ବିକ୍ରି ଓ ଲେଖକ ମାନ୍ୟତା କେମିତି ବଢ଼େ। ଦେଖୁଥିବେ ବି ପୁରସ୍କାର ପାଇଥିବା ଲେଖକର ବହିର ନିକୃଷ୍ଟ ବିଷୟବାହୀକତା । ଦେଖୁଥିବେ, ଚେସ୍ ବୋର୍ଡ ଉପରେ ମଲା ମନ୍ତ୍ରୀକୁ ଆଣି, ଥୋଇ-ବାଜି ଜିତା ଯାଉଚି। ତଥାପି ସାହିତ୍ୟ ବଞ୍ଚିତ ହେଇନାହିଁ। ଯୋଉ ସାହିତ୍ୟ, ସାଧନା ଆଉ ଦିବ୍ୟ କରୁଣା ସ' ଅବତରଣ କରିଥାଏ, ତାର ମୃତ୍ୟୁ ହେବାର ନାଇଁ। ଜୀବିତ ଅବସ୍ଥାରେ ଯେତେ ବଡ଼ ଯିଏ ପୁରସ୍କାର ପାଇଲେ ବି ତାକୁ ସାନ୍ତ୍ୱନା ବା ପ୍ରେରଣାଦାୟୀ କୁହାଯିବା ସମୀଚୀନ; ଅସଲି ପୁରସ୍କାର ମୃତ୍ୟୁ ପରେ। ♥♥




ସୁଖୀ ପରିବାର : ପତ୍ନୀ ଓ ଦୁଇ ପୁତ୍ରଙ୍କ ସହ କବି ଅଜୟ ପ୍ରଧାନ ।




ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

ଭାଗ-୩୩

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି



**ତାଙ୍କର ପରିବାର ଅର୍ଥାତ ତାଙ୍କ ବାପାଙ୍କର ଗୋସବାପା ଫରାସୀ ବିପ୍ଳବ ଓ ନେପୋଲିୟନ ଯୁଦ୍ଧ ସମୟରେ ନେଦରଲ୍ୟାଣ୍ଡ ଛାଡି ଆମେରିକା ଆସି ଯାଇଥିଲେ । ବେଟୀଙ୍କର ଜନ୍ମ ଆମେରିକାରେ । ଯଦିଓ ତାଙ୍କ ବାପା କିଛି ବର୍ଷ ପାଇଁ ଯାଇ ରହିଥିଲେ ନେଦରଲ୍ୟାଣ୍ଡରେ, ବେଟୀ କିନ୍ତୁ କେବେ ହେଲେ ଯାଇନାହାନ୍ତି ନେଦରଲ୍ୟାଣ୍ଡ । ଆମେରିକା ତାଙ୍କୁ ଖୁବ ଭଲ ଲାଗେ । ଏହି ଦେଶ ଛାଡି ଯିବା କଥା ସିଏ କେବେ ହେଲେ ଚିନ୍ତା କରିନାହାନ୍ତି । ଅପରପକ୍ଷେ କିନ୍ତୁ ସିଏ କେବେ ହେଲେ ଛାଡି ନାହାନ୍ତି ନିଜର ଭାଷାକୁ । ନିଜର ମାତୃଭାଷା 'ଡଚ' କୁ ସିଏ ପ୍ରେମ କରନ୍ତି । ଆଉ ଏଠାରେ, ଏହି ଆପାର୍ଟମେଣ୍ଟରେ ରହିବାର କାରଣ ମଧ ତାଙ୍କର ସେଇ ଭାଷାପ୍ରୀତି ।**

ମୋ ଝରକା ଦେଇ ଆମେରିକା ମୋତେ ଯେମିତି ସବୁଦିନ, ନିତିପ୍ରତି ଆହ୍ୱାନ କରୁଥାଏ। କହୁଥାଏ, ଆସ ମୋତେ ଦେଖେ, ପରଖିନିଅ, ଅନୁଭବ କର । ପ୍ରକୃତରେ ସବୁ ଦେଶ ନିଜର ଚାଲିଚଳନ, ଆଚାରବ୍ୟବହାର, ବେଶଭୁଷା, ଖାଦ୍ୟପେୟ, ସଂସ୍କୃତିଐତିହ୍ୟକୁ ନେଇ ନିଆରା। ସବୁ ଦେଶର ମଣିଷ ମାନସିକ ସ୍ତରରେ ଏକ ଯଦିଓ ଭିନ୍ନ ଭିନ୍ନ ପରିବେଶ ଓ ପରିସ୍ଥିତିରେ ସମସ୍ତଙ୍କର ପ୍ରତିକ୍ରିୟା ଭିନ୍ନ ।

ସେଇଥିପାଇଁ ଝରକା ମୋର ଏତେ ପ୍ରିୟ । ମୋତେ ଲାଗେ ମୋତେ ଏକ ସୂତାଖିଅରେ ବାନ୍ଧି ରଖିଛି ଏହି ଝରକା ଆମେରିକା ସହିତ । ମୁଁ ହାତରେ କପେ ଚାହା ନେଇ ବସିଯାଏ ମୋର ସେଇ ତଥାକଥିତ ଝରକା ନିକଟରେ ଆମେରିକାକୁ ଆହୁରି ଭଲଭାବରେ ଜାଣିବାକୁ, ଚିହ୍ନିବାକୁ, ପରଖିବାକୁ।

ଏବେ ଆମେରିକାରେ ଗ୍ରୀଷ୍ମ । ଦାରୁଣ ଶୀତକୁ କଣଠେସା ଦେଇ ଧୀର ପଦଚାପରେ ପ୍ରବେଶ କରେ ବସନ୍ତ । ହସି ଉଠେ ଆମେରିକା ମାଟି, ରଙ୍ଗବେରଙ୍ଗ ଫୁଲର ସମ୍ଭାରରେ। ବରଫମାଡରେ ବିଧବାର ସୁନ୍ଥା ପରି ଦିଶୁଥିବା ପୃଥିବୀ ଅହ୍ୟରାଣୀ ସାଜେ ବସନ୍ତର ପରଶରେ । ଫୁଲରୁ ଫୁଲକୁ ଘୁରିବୁଲେ ପ୍ରଜାପତି । ଶୁଭେ ଚଢେଇଙ୍କର ମିଳିତ କାକଳି । କେମିତି ଏକ ପାର୍ବଣ ଋତୁ ଆରମ୍ଭ ହୋଇଯାଏ ଧରାପୃଷ୍ଠରେ । ଶୀତଦିନେ ସମସ୍ତଙ୍କ ଚେହେରାରେ ବାରଟା ବାଜିଥିବା ବେଳେ ଏବେ କିନ୍ତୁ ସେଇ ସ୍ଥାନରେ ଝୁଲୁଥାଏ ଏକ ମଧୁର ଉଲ୍ଲାସ ଭରା ଉଚ୍ଛ୍ୱାସ । ସମୟକୁ ଆହୁରି ମଧମୟ କରି ଆରମ୍ଭ ହୁଏ ଗ୍ରୀଷ୍ମ । ଏଠାକର ଗ୍ରୀଷ୍ମ ଆମ ଦେଶର ଶୀତଋତୁ ପରି । ସର୍ବୋଚ୍ଚ ତାପମାତ୍ରା ୨୮ -୨୯ ଡିଗ୍ରୀ ସେଲସିଅସ । ୱିକଏଣ୍ଡରେ ଲୋକମାନେ ପରିବାର ସହ ବୁଲି ବାହାରନ୍ତି । ବିଶେଷକରି ସେମାନଙ୍କର ଗନ୍ତବ୍ୟସ୍ଥଳ ଥାଏ ନଦୀ ଓ ସମୁଦ୍ରକୂଳ ଅଞ୍ଚଳ । ସେମାନଙ୍କର କାର ଉପରେ ଲଦା ହୋଇଥାଏ କାୟାକିଙ୍ଗ ବୋଟ (ଛୋଟ ଡଙ୍ଗା, ଯାହାକୁ ଜଣେ କିମ୍ବା ଦୁଇଜଣ ପ୍ୟାଡେଲ ଦ୍ୱାରା ଚଳାନ୍ତି) ବା ରିଭର ରାଫଟିଙ୍ଗ (ଦଶ ଜଣ ଯାଏଁ ବସିବାର ବ୍ୟବସ୍ଥା ଥିବା ଚଉଡା ଡଙ୍ଗା) ପାଇଁ ବ୍ୟବହୃତ ହେଉଥିବା ଡଙ୍ଗା । କାର ପଛରେ ଥିବା ହୁକରେ ଟଙ୍ଗା ହୋଇଥାଏ ଦୁଇ/ ତିନୋଟି ବାଇକ ( ଆମେରିକାରେ ସାଇକେଲକୁ ବାଇକ କୁହନ୍ତି ଓ ମୋଟରସାଇକେଲକୁ ମୋଟର ବାଇକ ) । ନଦୀ ବା ସମୁଦ୍ରକୂଳରେ ଥିବା ହୋଟେଲମାନଙ୍କରେ ରହି ସେମାନେ ସାରାଦିନ ୱାଟର ସ୍ପୋର୍ଟ୍ସରେ ବିତାନ୍ତି । ବର୍ଷର ଏହି ସମୟକୁ ପରିବାର ସହିତ ଆମେରିକୀୟମାନେ ଖୁବ ଆନନ୍ଦରେ କଟାଇଥାନ୍ତି ।

ମୁଁ ତାଙ୍କୁ ସବୁଦିନ ଦେଖେ । ଦେଖେ ସେହି ବୟସ୍କା ମହିଳାଙ୍କୁ । ଠିକ୍ ସନ୍ଧ୍ୟା ଚାରିଟା ବେଳକୁ ସିଏ ବାହାରି ଆସନ୍ତି ସାମ୍ନା ଆପାର୍ଟମେଣ୍ଟରୁ । ଆସି ବସନ୍ତି ଦୁଇ ଆପାର୍ଟମେଣ୍ଟ ମଝିରେ ଥିବା ବଗିଚାରେ ପଡିଥିବା ଲୁହା ବେଞ୍ଚ ଉପରେ । ଲୁହା ବେଞ୍ଚର ବାଡା ଉପରେ ହାତ ଭରା ଦେଇ ଏକ ମୁଗ୍ଧ ଚାହାଣୀରେ ଚାହାଁନ୍ତି ଚାରିଆଡେ । ପୁଣି କେତେବେଳେ ସାଙ୍ଗରେ ଆଣିଥିବା ବହି ଖୋଲି ପଢନ୍ତି । କିଛି ସମୟ ପରେ ସେଇ ଆପାର୍ଟମେଣ୍ଟରୁ ବାହାରି ଆସନ୍ତି ଆଉ ଦୁଇ ଜଣ ମହିଳା । ଆସି ବସନ୍ତି ତାଙ୍କ ନିକଟରେ । ସେମାନେ ଗପସପ ହେବା ଭିତରେ ଜଣେ ପୁରୁଷ ଲୋକ ଗୋଟେ ଫୋଲଡିଙ୍ଗ ଚେୟାର ନେଇ ଆସନ୍ତି ସେମାନଙ୍କ ନିକଟକୁ । ସମସ୍ତେ ପାଖାପାଖି ସମବୟସ୍କ । ସମସ୍ତେ ବସି ବେଳ ଗଡିଲା ଯାଏଁ କଥାବାର୍ତ୍ତା ହୁଅନ୍ତି । ଥର୍ମସରେ ଆଣିଥିବା ଚାହା କପରେ ଢାଳି ପିଅନ୍ତି । ଦୂରରେ ଥାଇ, ମୋର ତଥାକଥିତ ଝରକା ଦେଇ ମୁଁ ଅନିଶା କରିଥାଏ ସେମାନଙ୍କୁ । ସେମାନଙ୍କର ଶାନ୍ତଶିଷ୍ଟ ସ୍ୱଭାବ, ଚୁପଚାପ ଅଳ୍ପ ଅଳ୍ପ କଥା କହିବା, ମଝିରେ ମଝିରେ ବହିପଢାରେ ବ୍ୟସ୍ତ ହୋଇଯିବା ମୋତେ ଆହୁରି ବେଶୀ ଉତ୍ସାହିତ କରେ ସେମାନଙ୍କୁ ଜାଣିବାକୁ, ବୁଝିବାକୁ । ହେଲେ ମନରେ ଡରଥାଏ । ମୁଁ ତାଙ୍କୁ ଇଂରାଜୀରେ କଣ ପଚାରିବି ..... ମୋ କଥା ସିଏ ବୁଝି ପାରିବେ କି ନାହିଁ ......ଆଉ ସିଏ ଯାହା ଉତ୍ତର ଦେବେ ତାହା ମୁଁ ବୁଝିପାରିବି କି ନାହିଁ । ଏମିତି ଏମିତି ଅନେକ ଦ୍ୱନ୍ଦ୍ୱ ଭିତରେ ମୁଁ ଦିନେ ସ୍ଥିର କଲି ସେଇ ମହିଳା ଏକୁଟିଆ ବସିଥିବା ବେଳେ ମୁଁ ଯିବି ।





ମୁଁ ଝରକା ଦେଇ ଚାହିଁଥାଏ । ଠିକ୍ ଚାରିଟା ବେଳେ ସିଏ ବାହାରିଲେ ତାଙ୍କ ଆପାର୍ଟମେଣ୍ଟରୁ । ତାଙ୍କର ଗୋଟିଏ ହାତରେ ଥିଲା ପାଣିବୋତଲ, ଅନ୍ୟ ହାତରେ ଗୋଟିଏ ବହି । ସିଏ ଆସି ବସିଲେ ସେଇ ଲୁହା ବେଞ୍ଚରେ । ବୋତଲକୁ ବେଞ୍ଚ ଉପରେ ରଖିଦେଇ ସିଏ ବହି ଖୋଲି ପଢିବାକୁ ଲାଗିଲେ । ମୁଁ ଆମ ଆପାର୍ଟମେଣ୍ଟରୁ ବାହାରି ଚାଲ ଚାଲ ହେଇ ପହଞ୍ଚିଗଲି ତାଙ୍କ ନିକଟରେ । ସିଏ ସେମିତି ବହିରେ ମୁହଁ ମାଡି ବସିଥାନ୍ତି । ମୁଁ ତାଙ୍କୁ ଚାହିଁ 'ହାଏ ମାଡମ' ବୋଲି କହିଲି ।

ସିଏ ଉପରକୁ ମୁହଁ ଉଠେଇ ଟିକେ ମୁରୁକି ହସି କହିଲେ "ହାଏ, ଆଇ ଆମ ମିସେସ ବେଟୀ । ୟୁ କ୍ୟାନ କଲ ମି ବେଟୀ ।" ଆମେରିକାରେ କାହାକୁ 'ସାର' କିମ୍ବା 'ମ୍ୟାଡମ' ବୋଲି ସମ୍ବୋଧନ କରିବାର ଚଳଣି ନାହିଁ । ସମସ୍ତେ ବଡ, ସାନ ନିର୍ବିଶେଷ ସମସ୍ତଙ୍କୁ ନାଁ ଧରି ଡାକନ୍ତି । ଝିଅ କହେ ସିଏ ତାର କଲେଜ ସାରଙ୍କୁ ବି ମିଷ୍ଟର ଅମୁକ କିମ୍ବା ମିଷ୍ଟର ସମୁକ ବୋଲି ସମ୍ବୋଧନ କରେ । ଅଫିସ୍‌ର ବସ୍‌ଙ୍କୁ ବି ଏଠାରେ ନାଁ ଧରି ଡକାଯାଏ ।

ମୁଁ କିନ୍ତୁ 'ହାଏ' କହିବା ଭିତରେ ଅଭ୍ୟାସବଶତଃ ହାତଯୋଡି ସାରିଥିଲି । ହୁଏତ ସେଇଥିପାଇଁ ସିଏ ଅନୁମାନ ଲଗେଇ ନେଲେ । ପଚାରିଲେ 'ଇଣ୍ଡିଆନ ?"

ମୁଁ ମୁଣ୍ଡ ହଲେଇ 'ହଁ' ମାରିଲି । ସିଏ ଇସାରରେ ମୋତେ ବେଞ୍ଚରେ ବସିବାକୁ କହିଲେ । ମୁଁ ତାଙ୍କ ଠାରୁ ଟିକେ ଦୂରତା ରଖି ବସିପଡିଲି ବେଞ୍ଚରେ । ମହିଳା ଜଣକ ମୋଟାସୋଟା, ଡେଙ୍ଗା । ଦେହର ରଙ୍ଗ ତୋଫା ଗୋରା । ସୁନେଲି ମିଶା ଧଳା ଚୁଟିକୁ କାନ ଉପରକୁ ବବ କଟରେ କଟାଯାଇଛି । ଚୁଟିକୁ ଢେଉ ଢେଉକା କରି ଖୁବ ସୁନ୍ଦର ଭାବରେ କୁଣ୍ଡାଯାଇଛି । ଦେହରେ ତାଙ୍କର ଧଳା ପ୍ୟାଣ୍ଟ ଓ ନାଲିଆ ଟିସାର୍ଟ । ଗଳାରେ ଗୋଟେ ମୋତିମାଳ ଓ କାନରେ ଛୋଟ ଛୋଟ ଦୁଇଟି ମୋତିର ଦୁଲ । ସବୁ ମିଶି ସିଏ ଦିଶୁଥିଲେ ସ୍ମାର୍ଟ ।

ସିଏ ପଚାରିଲେ , "ଆପଣ କଣ ଏଇଠି ରୁହନ୍ତି ?"

ମୁଁ ଉତ୍ତର ଦେଲି , "ନା, ନା, ମୁଁ ଇଣ୍ଡିଆରେ ରୁହେ । ଏବେ ଝିଅ ପାଖକୁ ବୁଲିବାକୁ ଆସିଛି ।"

ମୁଁ ତାଙ୍କୁ ଥଙ୍ଗେଇ ଥଙ୍ଗେଇ ଇଂରାଜୀରେ ମୋର ଝରକା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲି, ଆପଣ ଜାଣନ୍ତି, ମୁଁ ଅନେକ ଦିନ ହେଲା ଆପଣଙ୍କୁ ମୋର ସେଇ ଝରକାରୁ ଲୁଚି ଲୁଚି ଦେଖେ । ଆପଣ ସବୁଦିନ ଏଇ ସମୟରେ ଏଠାକୁ ଆସି ବସନ୍ତି । ଆପଣଙ୍କ ବନ୍ଧୁମାନେ ମଧ ଆପଣଙ୍କ ସହିତ ଯୋଗ ଦିଅନ୍ତି । ଆପଣମାନେ କେତେ ଖୁସିରେ କଥାବାର୍ତ୍ତା ହୁଅନ୍ତି । ମୁଁ ସବୁ କିଛି ଦେଖେ ସେଇ ଝରକା କଡରୁ । ମୋର ବି ଆପଣଙ୍କ ସହିତ କଥା ହେବାକୁ ଇଚ୍ଛା ହୁଏ । କିନ୍ତୁ ସାହସ ହୁଏନା । ଆଜି କିନ୍ତୁ ସାହସ କରି ଆସିଲି ଆପଣଙ୍କ ପାଖକୁ । ଆପଣଙ୍କ ଆଖିରେ ଆମେରିକାକୁ ଦେଖିବାକୁ, ବୁଝିବାକୁ । ଆପଣ ତ ଅନେକ ବର୍ଷ ହେଲା ଏଠାରେ ଥିବେ । ଆପଣ କଣ ଏଠାରେ ଏକା ରୁହନ୍ତି ? ଆପଣଙ୍କ ପରିବାରରେ ଆଉ କିଏ କିଏ ଅଛନ୍ତି ? ଆପଣ କେଉଁଠି ଚାକିରୀ କରନ୍ତି ? ଇତ୍ୟାଦି...... ମୁଁ ଏକା ନିଶ୍ୱାସରେ କହି ଚାଲିଥିଲି ।

ସିଏ କଥା ମଝିରେ ମୋତେ ଅଟକେଇଦେଲେ । ମୋର ସବୁ ପ୍ରଶ୍ନର ଉତ୍ତରରେ ସିଏ ଯାହା କହିଲେ ତାହା ଏହିପରି :

ତାଙ୍କର ପରିବାର ଅର୍ଥାତ ତାଙ୍କ ବାପାଙ୍କର ଗୋସବାପା ଫରାସୀ ବିପ୍ଳବ ଓ ନେପୋଲିୟନ ଯୁଦ୍ଧ ସମୟରେ ନେଦରଲ୍ୟାଣ୍ଡ ଛାଡି ଆମେରିକା ଆସି ଯାଇଥିଲେ । ବେଟୀଙ୍କର ଜନ୍ମ ଆମେରିକାରେ । ଯଦିଓ ତାଙ୍କ ବାପା କିଛି ବର୍ଷ ପାଇଁ ଯାଇ ରହିଥିଲେ ନେଦରଲ୍ୟାଣ୍ଡରେ, ବେଟୀ କିନ୍ତୁ କେବେ ହେଲେ ଯାଇନାହାନ୍ତି ନେଦରଲ୍ୟାଣ୍ଡ । ଆମେରିକା ତାଙ୍କୁ ଖୁବ ଭଲ ଲାଗେ । ଏହି ଦେଶ ଛାଡି ଯିବା କଥା ସିଏ କେବେ ହେଲେ ଚିନ୍ତା କରିନାହାନ୍ତି । ଅପରପକ୍ଷେ କିନ୍ତୁ ସିଏ କେବେ ହେଲେ ଛାଡି ନାହାନ୍ତି ନିଜର ଭାଷାକୁ । ନିଜର ମାତୃଭାଷା 'ଡଚ' କୁ ସିଏ ପ୍ରେମ କରନ୍ତି । ଆଉ ଏଠାରେ, ଏହି ଆପାର୍ଟମେଣ୍ଟରେ ରହିବାର କାରଣ ମଧ ତାଙ୍କର ସେଇ ଭାଷାପ୍ରୀତି । ଏଠାରେ ତିନୋଟି ପରିବାର ଅଛନ୍ତି ଯେଉଁମାନଙ୍କ ସହିତ ସିଏ 'ଡଚ' ଭାଷାରେ କଥା ହୋଇପାରନ୍ତି । ସିଏ ଛୋଟ ଥିଲା ବେଳେ ଆମେରିକାରେ ଅନେକ 'ଡଚ' କଲୋନୀ ଥିଲା । ବିଶେଷ କରି ନ୍ୟୁଜର୍ଶୀରେ । କିନ୍ତୁ ଏବେ ସେମାନଙ୍କ ମଧ୍ୟରୁ ଅନେକ ମରିହଜି ଗଲେଣି । ସେମାନଙ୍କ ପିଲାମାନେ ଆମେରିକାର ବିଭିନ୍ନ ସ୍ଥାନରେ ରହି ଡଚ ଭାଷା ଓ ଚାଲିଚଳନକୁ ଭୁଲିଗଲେଣି । ତାଙ୍କ ନିଜର ପିଲାମାନେ ବି ଆଉ 'ଡଚ' କୁହନ୍ତିନି । ହେଲେ ସିଏ କିନ୍ତୁ ଆଜିଯାଏ ଛାଡି ପାରିନାହାନ୍ତି ନିଜର ମୂଳକୁ । ସେଇଥିପାଇଁ କିଛି 'ଡଚ' ପରିବାର ଏକାଠି ମିଶି ଏହି ଆପାର୍ଟମେଣ୍ଟରେ ଘର ନେଇଛନ୍ତି । ଆଉ କିଛି ନ ହେଲା ନାହିଁ, ନିଜ ଭାଷାରେ କଥାବାର୍ତ୍ତା ତ ହେଇପାରିବେ । କେବଳ ସେତିକି ଲୋଭରେ ସେମାନେ ପଡିରହିଛନ୍ତି ସେଠାରେ ।

ମୁଁ ମନେ ମନେ ଭାବୁଥିଲି, ମୁଁ ଯେଉଁ ସବୁଦିନ ଆଉ ଦୁଇଜଣ ମହିଳା ଓ ପୁରୁଷଙ୍କୁ ଦେଖେ ସେମାନେ ତେବେ ସମସ୍ତେ ଡଚ ।

ମିସେସ ବେଟୀ ଟିକେ ଭାବପ୍ରବଣ ହୋଇ ପଡିଥିଲେ । କହିଲେ, ଆମେ ସମସ୍ତେ ମିଶି ଏକାଠି ଡଚ ଭାଷାରେ କଥା କହୁ, ଡଚ ସାହିତ୍ୟ ପଢୁ, ଡଚ ଖାଦ୍ୟ ଯେମିତିକି ହଲାଣ୍ଡସ ନ୍ୟୁଏ ହେରିଙ୍ଗ ( କଞ୍ଚା ହେରିଙ୍ଗ ମାଛରୁ ପ୍ରସ୍ତୁତ ଖାଦ୍ୟ), ପୋଫେଜ (ଲୁହାତାୱାରେ ସେକା ଯାଇଥିବା ପ୍ୟାନକେକ ଯାହା ଉପରେ ବଟର ଓ ଗୁଣ୍ଡ ଚିନି ପଡିଥାଏ), ଡଚ ଷ୍ଟାମ୍ପପଟ ଇତ୍ୟାଦି ତିଆରି କରି ଖାଉ । ସାଙ୍ଗ ହୋଇ ଏପ୍ରିଲ ମାସରେ ପାଳନ କରା ଯାଉଥିବା ଦି କିଙ୍ଗସ ଡେ' ପାଳନ କରୁ ଯେଉଁଥିରେ ସମସ୍ତେ କମଳା ରଙ୍ଗର ପୋଷାକ ପିନ୍ଧୁ । ତିନିଦିନ ବ୍ୟାପୀ ଚାଲୁଥିବା ଏହି ପର୍ବରେ ବାହାରୁଥିବା ବିଶେଷ ପ୍ୟାରେଡରେ ମଧ ଯୋଗ ଦେଉ ଆମେ ।

ଏତେ କଥା ଶୁଣି ସାରିଲା ପରେ ମୁଁ କହିଲି, " ଆପଣ କେଉଁଠି ଚାକିରି କରନ୍ତି ଆଉ ପିଲାପିଲି ........"

ମୋର ଏହି ପ୍ରଶ୍ନର ଉତ୍ତରରେ ଟିକେ ହସି ସିଏ କହିଲେ , "ଆଇ ଆମ ଏଇଟି ।'

ହେଁ ....ଅଶୀ ବର୍ଷ । ଅଶୀ ବର୍ଷ ବୟସରେ ଜଣେ ଏତେ ଚଳଚଞ୍ଚଳ, ଏତେ ସୁସ୍ଥସବଳ । ମୋତେ ଲାଗୁଥିଲା ମହିଳାଜଣକ ମିଛ କହୁଛନ୍ତି । ମୁଁ ଭାବୁଥିଲି ବେଶୀ ବେଶୀ ହେଲେ ତାଙ୍କ ବୟସ ପଞ୍ଚାବନ/ଷାଠିଏ ଭିତରେ ହୋଇଥିବ । ମୁଁ ଅନ୍ୟମନସ୍କ ହୋଇ ପଡୁଥିଲି । ହେଲେ ସିଏ କହି ଚାଲିଥିଲେ ......

ସିଏ ଏଲିମେଣ୍ଟାରି ସ୍କୁଲରେ ଶିକ୍ଷକତା କରୁଥିଲେ । ସ୍ୱାମୀ ଓ ଦୁଇ ପୁଅଙ୍କୁ ନେଇ ଥିଲା ତାଙ୍କର ପରିବାର । ସ୍ୱାମୀ ଏବେ ଇହଧାମରେ ନାହାନ୍ତି । ଦୁଇ ପୁଅ ବାହାସାହା ହୋଇ ଏବେ ଅନ୍ୟ ରାଜ୍ୟରେ ରହୁଛନ୍ତି । ଜଣେ ନର୍ଥ କାରୋଲିନାରେ ଓ ଆଉ ଜଣେ ଇଣ୍ଡିଆନାରେ । ପାଞ୍ଚଟି ନାତିନାତୁଣୀ ତାଙ୍କର । ପ୍ରତିବର୍ଷ ଥ୍ୟାଙ୍କସ ଗିଭିଙ୍ଗରେ ପିଲାମାନେ ଘରକୁ ଆସନ୍ତି ଦିନେ/ ଦୁଇଦିନ ପାଇଁ । କେବେ କେବେ ସିଏ ଫଲ୍ ସମୟରେ ଯାଆନ୍ତି ତାଙ୍କ ପାଖକୁ । ନଚେତ୍ ସାରା ବର୍ଷ ସିଏ ଏକୁଟିଆ ରୁହନ୍ତି । ନିଜର ସବୁ କାମ ନିଜେ କରନ୍ତି ।

ଏ ବୟସରେ ଆପଣ ଏକୁଟିଆ ରହୁଛନ୍ତି ! କେତେବେଳେ କେଉଁ କଥା । ଆପଣଙ୍କୁ ଭୟ ଲାଗେନି ? ପିଲାମାନେ କଣ ଆପଣଙ୍କୁ ନିଜ ପାଖକୁ ଡାକନ୍ତିନି ? ଏଇ ସମୟରେ ପାଖରେ ନିଜ ଲୋକ ରହିବା କଥା ନା...ମୋର ପ୍ରଶ୍ନ ।

ମୁଁ ଏକୁଟିଆ କାହିଁକି ହେବି ? ମୋ ପାଖରେ ମୋର ବନ୍ଧୁମାନେ ଅଛନ୍ତି । ତାପରେ ବି ମୁଁ ଭାବୁଛି ମୁଁ ଆହୁରି ଦଶ/ କୋଡିଏ ବର୍ଷ ଆରାମରେ ଏକୁଟିଆ ବଞ୍ଚିପାରିବି । ମୋ ମତରେ ବୟସ ଗୋଟେ ନମ୍ବର । ଆଉ ଏଇ ଯେଉଁ ବୁଢୀ ହେଇଯିବା କଥା କହୁଛନ୍ତି । ତାହା ପ୍ରକୃତରେ ଦେହରେ ନୁହେଁ , ମନରେ ଥାଏ । ମୁଁ ନିଜକୁ ଜମା ବୁଢୀ ବୋଲି ଭାବେନି । ଆଉ କାହା ଉପରେ ବୋଝ ହେବା କଥା ମୁଁ ଚିନ୍ତା ମଧ କରିପାରିବିନି । ଆମର ଏଇ କମ୍ୟୁନିଟିରେ ଅନେକ ବୟସ୍କ ଲୋକ ରୁହନ୍ତି । ତାଙ୍କ ପାଇଁ ଫିଟନେସ କ୍ଲବ, ରୁଟିନ ଚେକଅପ, ଦେହଖରାପ ହେଲେ ପ୍ରଶିକ୍ଷିତ ନର୍ସ ଆଦିର ବ୍ୟବସ୍ଥା ଏଠାରେ ଅଛି । ଆମେ ସାଙ୍ଗମାନେ ଏକାଠି ହୋଇ ବୁଲାବୁଲି କରୁ । ଟ୍ରିପରେ ଯାଉ । ଗପସପ କରୁ । କମ୍ୟୁନିଟି ଆକ୍ଟିଭିଟିରେ ଭାଗନେଉ । ସମୟ ଖୁବ ଭଲରେ କଟିଯାଏ । କିଛି ଅସୁବିଧା ହୁଏନି ।

ଏତିକି କଥା କହିବା ଭିତରେ ଅନ୍ୟ ମହିଳା ଦୁଇଜଣ ଆସି ପହଞ୍ଚି ଯାଇଥିଲେ ସେଠାରେ । ବେଟୀ ନିଜର ବାନ୍ଧବୀମାନଙ୍କ ସହିତ ମୋର ପରିଚୟ କରାଇଦେଲେ । ସେମାନେ ଆସିବାରୁ ମୁଁ ମିସେସ ବେଟୀଙ୍କ ଠାରୁ ବିଦାୟ ମାଗି ମୋର ଆପାର୍ଟମେଣ୍ଟ ଦିଗରେ ଆଗେଇଲି ।

ମୁଁ ପାଦ ଗଣି ଗଣି ଘରକୁ ଫେରିବା ବାଟରେ ଭାବୁଥିଲି ଆମ ଦେଶର ମହିଳାମାନଙ୍କ କଥା । ଆମ ଦେଶରେ ପଚାଶ ଛୁଇଁଲେ ସ୍ତ୍ରୀଲୋକଟିଏ ବୁଢୀ ହୋଇଯାଏ । ମୁଁ ମୋର ମାଆଙ୍କୁ ଦେଖିଛି । ପଚାଶ ବର୍ଷ ବୟସ ହେଲା ପରେ ସିଏ ପ୍ରକାଶ୍ୟରେ କହିବାକୁ ଲାଗିଲେ, ମୁଁ ବୁଢୀ ହେଇଗଲିଣି । ଏବେ ପୁଅଝିଅ ବାହାଘର ସାରି ନାତିନାତୁଣୀଙ୍କୁ ନେଇ ଜୀବନ କାଟିବା କଥା ! ଏବେ ଆମର ଜୀବନ ଆଉ କଣ ଯେ ! ସିଏ ବୋହୁ ହାତରେ ଘର ଚାବିକାଠି ଦେଇଦେଲେ । ବେଶୀ ସମୟ ପୂଜାଘରେ କାଟିବାକୁ ଲାଗିଲେ । ତାଙ୍କ ମନପସନ୍ଦିଆ ରଙ୍ଗର ଶାଢି ଦେଖି କହିଲେ , ମୋର କଣ ଆଉ ବୟସ ଅଛି ଏମିତି ରଙ୍ଗ ପିନ୍ଧିବା ପାଇଁ । ମୁଁ ଏମିତି ରଙ୍ଗର ଶାଢି ପିନ୍ଧିଲେ ଲୋକେ କଣ କହିବେ ! ମୋର ସେଇ ସାଧାସିଧା ରଙ୍ଗର ଶାଢି ଭଲ । କୁଞ୍ଚ କରି ଶାଢି ଆଉ କଣ ପିନ୍ଧିବି ଯେ ...... ଏମିତି ଗୁଡେଇ ଦେଲେ ଚଳିବ । ଭଲମନ୍ଦ, କ୍ଷିରୀପୁରି ଆଉ କଣ ଖାଇବି ଯେ ...ମୋର ସେଇ ପଖାଳ ଗଣ୍ଡେ ହେଲେ ହେଲା । ପିଲାମାନେ ମାଛମାଂସ ଖାଆନ୍ତୁ ...ମୋର ଆଳୁଚକଟା ଟିକେ କି ଆମ୍ବୁଲଫଡେ ହେଲେ ଚଳିଯିବ । ବଜାରହାଟ, ଡାକ୍ତରଖାନା କିମ୍ବା ଗାଁକୁ ...ମୁଁ ଏକୁଟିଆ କେମିତି ଯିବି ଯେ । ମୋତେ ଯିଏ ହେଲେ ଜଣେ ନେଇକି ଯିବ ନା ... । ମୋର ପା' ବୟସ ହେଲାଣି । ଏସବୁ କଣ ଆଉ ମୋ ଦ୍ୱାରା ହେବ ...ଇତ୍ୟାଦି ଇତ୍ୟାଦି ।

ଏବେ ମୁଁ ଅଶୀତିପର ମିସେସ ବେଟୀଙ୍କୁ ଦେଖି ଭାବୁଥିଲି । ବୟସ କଣ ସତରେ ଦେହରେ ଥାଏ, ନା ଥାଏ ମନରେ ........

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢିବା ପରେ...

# ଶୂନ୍ୟୋତ୍ସବ







ପ୍ରେମରେ ମୋହମୁକ୍ତ ଜୀବନ ଜିଇଁବା ଏତେ ସହଜ ନୁହେଁ। କିନ୍ତୁ କବିଟିଏ ଜିଇଁ ପାରେ। ମାଟି ଆଉ ଆକାଶ ମଧ୍ୟରେ ଜିଉଁଥିବା ଲୋକଟିଏ ଦୃଶ୍ୟମାନ ସତ୍ତାରେ ବିଭୋର ହୋଇପାରେ ମାତ୍ର କବିଟିକୁ ଅହରହ ଆକ୍ରାମାକ୍ତା କରିପାରେ ଶୂନ୍ୟତାର ଡ଼ାକ। ସେଥିରୁ ମୁକୁଳିବା ଏତେ ସହଜ ନୁହେଁ।କାମନା ବାସନା ଜର୍ଜରିତ ସଂସାରୀଠୁଁ କବିଟିଏ ହୁଏ ତ ନିଆରା। ସେଥିପାଇଁ ସେ ଭୋଗୁଥିବା ଆଙ୍କିପାରେ ଶବ୍ଦରେ ଆଉ ପରଷି ପାରେ ପାଠକଙ୍କୁ। ମୋ ହାତରେ ଏବେ ଯୁବ କବି ପ୍ରଶାନ୍ତ କୁମାର ଦାଶଙ୍କ କବିତା ସଂକଳନ 'ଶୂନ୍ୟୋତ୍ସବ' ଯାହାର ପ୍ରକାଶକ ବର୍ଷା ପବ୍ଲିକେଶନ।

ଅଧର୍ମ ବିରୁଦ୍ଧରେ କବିଙ୍କ ମହାଯୁଦ୍ଧ 'ଆଦ୍ୟନାଦ'ରୁ ଆରମ୍ଭ ହୁଏ ପ୍ରଥମ କବିତା ଯେଉଁଠି ନିଜ ଭିତରେ କୁରୁକ୍ଷେତ୍ରଟିଏ ପ୍ରସ୍ତୁତ ହେବାର ଲାଗିଥାଏ ଆଉ ଶେଷରେ ଧର୍ମର ଜୟ ହେବାର ଶଙ୍ଖନାଦ ଶୁଭୁଥାଏ।

' ମୋ ସ୍ନାୟୁ-ଉପସ୍ନାୟୁ, ରକ୍ତ- ଧମନୀରେ/ ପାଞ୍ଚଜନ୍ୟର ଆର୍ତ୍ତନାଦ ଶୁଭିଲାଣି ।'

( ଆଦ୍ୟନାଦ, ପୃ: ୧୦)

ସଂସାରରୁ ମୁକ୍ତ ହେବା ଏତେ ସହଜ ନୁହେଁ। ଏହା ସାଧାରଣ ଭାବରେ ବିଚାର କରାଯାଏ। ମାତ୍ର ସଂସାରୀ ହୋଇ ବଞ୍ଚିବା ତତୋଧିକ ଅସହଜ। ଏହା ସ୍ୱୀକାର କରନ୍ତି କବି।

'ତା'ର ଗୁପ୍ତଇଚ୍ଛା ସବୁକୁ ଗୋଟିଗୋଟି କରି/ ଅନ୍ତରଙ୍ଗ ଆ।ଖ୍। ମ।ନ ଙ୍କ ଅଗୋଚରରେ/ ନିର୍ମମ ଭାବରେ କରୁଥାଏ ହତ୍ୟା, ନିଜେ ଲହୁଲୁହାଣ ହୋଇ/ ନୀରବରେ କରୁଥାଏ ଆର୍ତ୍ତ ଚିତ୍କାର।'

( ସଂସାରୀ, ପୃ:୧୪)

ସଂସାର ଭିତରେ ସବୁଠୁ ଭୟଙ୍କର ଦୃଶ୍ୟ ଜରାଶ୍ରମ। ଯେଉଁଠି କୋଳାହଳମୟ ପୃଥିବୀରେ ସବୁଥାଇ ବ୍ୟକ୍ତିଟିଏ ଜିଉଁଥାଏ ନିର୍ବାସିତ ଜୀବନ। ଖୁବ୍ କରୁଣ ଏ କବିତାର ଅନ୍ତଃସ୍ୱର।

'ସବୁ ଭାଗବଣ୍ଟା ପରେ/ ଯିଏ ଯା ବାଟରେ ବାହୁଡ଼ି ଗଲେ, ଲୁହ ସର ସର ଆଖିରେ ବିଚରା ବାପଟିଏ/ ବାଣ୍ଟ ହେବାକୁ ଅପେକ୍ଷା କରିଥାଏ ।'

( ଜରାଶ୍ରମ, ପୃ: ୨୧)

ଏମିତି ଏକ କରୁଣ ଦୃଶ୍ୟ ହୁଏ ତ କବିଙ୍କୁ ବାଧ କରିଥିବ ପ୍ରେମ କରିବୁତ ଶୂନ୍ୟକୁ କର। କାରଣ ଶୂନ୍ୟତାର କପାଳରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଆଉ ନକ୍ଷତ୍ର। ଶୂନ୍ୟତା ହସ୍ତରେ ଅମୃତର କଳସ। ଆଉ ଶୂନ୍ୟରେ ହିଁ ଶ୍ରୀହରି। ପୃଥିବୀରେ ପୂର୍ଣ୍ଣତା ବୋଲି କିଛି ନାହିଁ ଆଉ ଶୂନ୍ୟତାରେ ଅପୂର୍ଣ୍ଣତା ବୋଲି କିଛି ନାହିଁ। ଏ ଭେଦ ବୁଝିବା ଏତେ ସହଜ ନୁହେଁ।

' ଏ ଦେହ ମୋର ନୁହେଁ ବୋଲି ସେଇଦିନ ଜାଣିଲି / ଯେବେ ଆଉ ଗୋଟିଏ ଦେହକୁ ଧୂମ ହୋଇ / ଉର୍ଦ୍ଧ୍ୱ ଆକାଶରେ ନିରୁଦ୍ଦିଷ୍ଟ ହେଉଥିବାର ଦେଖିଲି /...ଶୂନ୍ୟପାତ୍ର ଘେନି ଘୁରେ ବାର ମାସ ବାବନ ସପ୍ତାହ ।'

( ଶୂନ୍ୟୋତ୍ସବ, ପୃ : ୩୬)

ଶୂନ୍ୟତାକୁ ମାର୍ଫତ କରି ନିଜକୁ ଖୋଜିହୁଏ। ନିଜକୁ ଖୋଜି ପାଇଲେ ଜୀବନରେ ପୂର୍ଣ୍ଣତା ଆସେ। ଶୂନ୍ୟତା ଆଡ଼କୁ ପ୍ରଥମ ପାଦ ହିଁ ସମର୍ପଣ। ଶୁଦ୍ଧ ସମର୍ପଣ ନଥିଲେ ଶୂନ୍ୟତାରୁ କୃପା ମିଳିବା ଅସମ୍ଭବ। ସେଥିପାଇଁ ନିଜକୁ ରିକ୍ତ କରିବାକୁ ହେବ ନିଜଠୁଁ।

'ଏଇ ଦେଖ/ ଶୂନ୍ୟହସ୍ତେ ତମ ସମ୍ମୁଖରେ ଠିଆ ମୁଁ, ନିଜ ନିଃଶ୍ୱାସ ବ୍ୟତୀତ ମୋ ପାଖରେ କିଛି ନାହିଁ ଆଉ ।'

( ସମର୍ପଣ, ପୃ :୬୮)

ଶୂନ୍ୟତାର ମହୋତ୍ସବରେ ମାତି ଯେ ନିଜକୁ ସମର୍ପଣ କରି ସାରିଥାଏ ସେ ଦିନେ ଅମୃତ ପଥର ଯାତ୍ରୀ ହୁଏ। ନୀରବତା ଭେଦ କରି ଗୋଟେ ପବିତ୍ର ଡ଼ାକ ତା କାନ ପାଖରେ ଗୁଞ୍ଜରିତ ହେଉଥାଏ। ସେତେବେଳେ ସେ ପ୍ରତିକ୍ଷଣ ଜିଉଁଥାଏ ଅୟୁତ ଯୁଗର ଅମୃତ ଜୀବନ।

'ତୁମ ଡ଼ାକ ମୋ ଝର୍କାର ରେଲିଂ ଦେଇ / ମୋର କପାଳକୁ ଚୁମ୍ବନ କଲା ପରେ / ସୂର୍ଯ୍ୟ ଅବଗୁଣ୍ଠନ ଖୋଲି ମାଟିକୁ ମୁହଁ କରି / ଉଲ୍ଲାସରେ ଗାଉଥାନ୍ତି ଭଜନ ପ୍ରଭାତୀ ।

( ଅମୃତ ଜୀବନ, ପୃ : ୫୮)

ମୋଟାମୋଟି ଭାବରେ କହିବାକୁ ଗଲେ ୮୮ ପୃଷ୍ଠାର ଏହି କ୍ଷୁଦ୍ର କଳେବର ଭିତରେ ପ୍ରେମ ଆଉ ଜୀବନକୁ ନେଇ ପ୍ରଶାନ୍ତଙ୍କ ଉଚ୍ଚତର ସୋପାନରେ ସ୍ୱଚ୍ଛନ୍ଦ ବିଚରଣ ହିଁ ତାଙ୍କ କବିତାର ବିଶେଷତା। ମାନବୀୟ ସମ୍ବେଦନତାର ଜୟ ଜୟକାର ତାଙ୍କ କବିତାକୁ କରିଛି ବର୍ଣ୍ଣମୟ। 'ଶୂନ୍ୟୋତ୍ସବ' ବୃହତ ପାଠକଗୋଷ୍ଠୀଙ୍କୁ ଛୁଇଁବାର ଦାବି ରଖେ।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

---

# ୟୁପିଆଇରେ ନିକ୍ ନେମ୍ ନିଷିଦ୍ଧ

## ଡକ୍ଟର ତପନ କୁମାର ପାଲ

ଆମ ଭିତରୁ ଅଧିକାଂଶ ନିଜେ ନିଜର ନିକ୍ ନେମକୁ ନେଇ ବହୁ ପସନ୍ଦ କରିଥାଉ ଆଉ ଅନ୍ୟ ମାନଙ୍କୁ ସମ୍ବୋଧନ ମଧ କରିଥାଉ। ତେବେ ପୂର୍ବ ବ୍ୟବସ୍ଥିତ ଡିଜିଟାଲ ବ୍ୟବସ୍ଥାର ୟୁପିଆଇରେ ନିକ୍ ନେମ ନିଷିଦ୍ଧ ହେବାକୁ ଯାଉଛି। ଏହା ସତ୍ୟ ଯେ ଆଜିକାଲି ବହୁଳ ଭାବରେ ଆମ୍ଭେମାନେ ୟୁପିଆଇର ବ୍ୟବହାର କରୁଛେ। ନିକଟରେ ଏହାର କାରବାରକୁ ସ୍ୱଚ୍ଛ ରଖିବା ସହ ଉପଭୋକ୍ତାମାନେ କିପରି ଅଧିକରୁ ଅଧିକ ସୁରକ୍ଷିତ ଓ ତତ୍କାଳ ସେବା ପାଇବେ ସେ ନେଇ ଉଭୟ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭାରତର ସବୁଠାରୁ ବଡ଼ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମଧ ଏକ ସୂଚନାଧର୍ମୀ ବିଶାଳ କାର୍ଯ୍ୟକ୍ରମ କରିବାକୁ ଯାଉଛି।

ଡିଜିଟାଲ କାରବାରରେ ଉପଭୋକ୍ତାଙ୍କ ସୁରକ୍ଷା ଓ ସ୍ୱଚ୍ଛତା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ଜାତୀୟ ପେମେଣ୍ଟ ୟୁନିଫାଏଡ ପେମେଣ୍ଟସ୍ ଇଣ୍ଟରଫେସ ୟୁପିଆଇ ଆପ୍ଲିକେସନସ ଗୁଡ଼ିକୁ ପିଅର ଟି ପିଅର ଓ ପିଅର - ଟୁ -ମର୍ଚ୍ଚାଣ୍ଟ କାରବାର ସମୟରେ କେବଳ ଅଲଟିମେଟ ବେନିଫିସିଆରି ନେମ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଷ ଦେଇଛି।

ଏହା ପୂର୍ବରୁ ଅର୍ଥାତ୍ ଏନପିସିଆଇର ପୂର୍ବ ନିର୍ଦ୍ଦେଶାବଳୀ ଅନୁସାରେ, ୟୁପିଆ ଆପଗୁଡ଼ିକ କେବଳ ଗ୍ରହଣକାରୀଙ୍କ ବ୍ୟାଙ୍କ ପଞ୍ଜୀକୃତ ନାମକୁ ହିଁ ଟ୍ରାଞ୍ଜାକ୍ସନ କନଫର୍ମମେସନ ସ୍କିନ ଓ ଟ୍ରାଞ୍ଜାକ୍ସନ ହିଷ୍ଟ୍ରିରେ ଦେଖାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଏନପିସିଆଇ ଅନୁସାରେ ଅଲଟିମେଟ ବେନିଫସିଆରି ହେଉଛି ସେହି ବ୍ୟକ୍ତି କିମ୍ବା ସଂସ୍ଥା, ଯିଏ ପ୍ରଦାନ କରାଯାଇଥିବା ସେବା କିମ୍ବା ସାମଗ୍ରୀ ପାଇଁ ପାଣ୍ଠି ଗ୍ରହଣ କରନ୍ତି। ଏପିଆଇ ବୈଧ ଠିକଣାରୁ ଅଣାଯାଇଥିବା ନାମ (ଯାହାକି ସରକାରୀ ବ୍ୟାଙ୍କ ନାମ ପୁନରୁଦ୍ଧାର କରିବା ପାଇଁ ବ୍ୟବହୃତ ହୁଏ)। କେବଳ ଦେୟକର୍ତ୍ତାଙ୍କୁ ଦେଖାଯିବ। କ୍ୟୁଆର କୋଡ଼, କଣ୍ଟାକ୍ଟ ଲିଷ୍ଟ କିମ୍ବା ୟୁଜର ଡିଫାଇନଡ ଲେବଲରୁ ପ୍ରାପ୍ତ ନାମ ଗୁଡ଼ିକୁ ଆଉ ଅନୁମତି ଦିଆଯିବ ନାହିଁ। ଅନେକ ୟୁପିଆଇ ଆପ ବ୍ୟବହାର କାରୀଙ୍କୁ ପ୍ରାପ୍ୟ ପ୍ରଦର୍ଶନ ନାମ ବଦଳାଇବାକୁ କିମ୍ବା ଉପନାମ ସୃଷ୍ଟି କରିବାକୁ ଅନୁମତି ଦିଏ, ଯାହା ଠକମାନଙ୍କ ପାଇଁ ବିଶ୍ୱସ୍ତ ବ୍ରାଣ୍ଡ କିମ୍ବା ବ୍ୟକ୍ତିଙ୍କୁ ନକଲ କରିବା ସହଜ କରିଥାଏ। ଆଗକୁ ଏହି ଲୁପ ବନ୍ଦ ହୋଇଯିବ। ବ୍ୟବହାରକାରୀଙ୍କୁ ଏପରି ଅପସନ ଦେଉଥିବା ବୈଶିଷ୍ଟ୍ୟକୁ ଅକାମୀ କରିବାକୁ ଏନପିସିଆଇ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି।

ଏହି ପରିବର୍ତ୍ତନ ବିଶେଷ ଭାବରେ ପିଟୁପିଏମ ବର୍ଗରେ ଆସୁଥିବା ରାସନ ଷ୍ଟୋର ମାଲିକ କିମ୍ବା ରାସ୍ତାକଡ଼ ବିକ୍ରେତା ଭଳି ଛୋଟ ବ୍ୟବସାୟୀ ମାନଙ୍କୁ ପ୍ରଭାବିତ କରିବ। ତେବେ ଏହା ୟୁପିଆଇ ପେମେଣ୍ଟକୁ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ସହ ହେରଫେର ଆଶଙ୍କା ଯଥେଷ୍ଟ କମ କରିବ ବୋଲି ଆଶା କରାଯାଏ। ଦିନକୁ ଦିନ ଡିଜିଟାଲ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଦିଗ ନିର୍ବାହ କରୁଥିବାବେଳେ ବିଶେଷକରି ୟୁପିଆଇ ପେମେଣ୍ଟର ବ୍ୟବହାରିତା ସମ୍ପର୍କରେ ଅଧିକ ସୁରକ୍ଷା ଓ ସ୍ୱଚ୍ଛତା ଜରୁରୀ। ତେବେ ଏ କ୍ଷେତ୍ରରେ କୌଣସି କାର୍ଡ଼ ଉପଭୋକ୍ତା ବା ଆକାଉଣ୍ଟ ହୋଲଡ଼ର ସମସ୍ୟାକୁ ସାମ୍ନା କରିବା ମାତ୍ରେ ନିକଟସ୍ଥ ବ୍ୟାଙ୍କର ଶାଖା କେନ୍ଦ୍ର କିମ୍ବା ସୂଚୀତ ହୋଇଥିବା ଟୋଲ ନଂ ସହିତ ଯୋଡ଼ିହେବା ଜରୁରୀ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସହଯୋଗ ଗଲେ ଡିଜିଟାଲ ବ୍ୟବସ୍ଥା ଓ ୟୁପିଆଇ ପେମଣ୍ଟ ଅଧିକ ସୁବିଧାଜନକ ଓ ସ୍ୱଚ୍ଛ ହୋଇପାରିବ।

♥ ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୧ ଅଗଷ୍ଟ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚିଠିନି ସାପ୍ତାହିକ କ୍ରୋଡ଼ପତ୍ର

# ଆଧୁନିକ ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କ ଭୂମିକା



## ଦିନେଶ ମେହେର୍



ସାହିତ୍ୟର ଜନ୍ମ, ଇତିହାସର ବେଦରୁ ହୋଇଥିବାର ଜଣାଯାଏ। ବେଦ ଶବ୍ଦଟିକୁ 'ଶ୍ରୁତି' ମଧ୍ୟ କୁହାଯାଏ ଯାହା ଜଣଙ୍କ ଠାରୁ ଅନ୍ୟ ଜଣଙ୍କ ପାଖରେ ମୁଖ ନିସୃତ ବାଣୀ ସାହାଯ୍ୟରେ ପହଞ୍ଚି ପାରୁଥିଲା। ଯେତେବେଳେ ସାହିତ୍ୟରେ କୌଣସି ଲିପିର ବ୍ୟବହାର ନଥିଲା, ସେତେବେଳେ ମୁଖସ୍ଥ କରିବା ହିଁ ଏକମାତ୍ର ପନ୍ଥା ଯାହା ସାହିତ୍ୟକୁ ପ୍ରସାରିତ କରିବା ଦିଗରେ ସହାୟକ ହୋଇଥିଲା। ଏଇ ପ୍ରଥା ଦ୍ୱାରା ଅନେକ ପୁରୁଣା କାବ୍ୟ, ଗ୍ରନ୍ଥ ମାନେ ମଧ୍ୟ ରଚନା କରାଯାଇଛି। ଯଦି ଆମେ ଓଡ଼ିଆ ସାହିତ୍ୟ କଥା କହିବା ତେବେ ଓଡ଼ିଆ ସାହିତ୍ୟକୁ ବିଭିନ୍ନ ଯୁଗ ଅନୁସାରେ ବଣ୍ଟା ଯାଇଛି। ଯଥା: ଚର୍ଯ୍ୟା ଯୁଗ, ସାରଳା ଯୁଗ, ପଞ୍ଚସଖା ଯୁଗ, ରୀତି ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ପ୍ରଗତି ଯୁଗ, ସବୁଜ ଯୁଗ ଓ ସ୍ୱାଧୀନତା ପରର ଯୁଗ । କିନ୍ତୁ ଭାଷାବିତ ମାନଙ୍କର ଏହି ସମୟକ୍ରମ ଅନୁସାରେ ଆମେ ଓଡ଼ିଆ ସାହିତ୍ୟକୁ ଭାଗ କଲେ ଓଡ଼ିଆ ସାହିତ୍ୟ ବିକାଶର ସଠିକ୍ ତଥ୍ୟ ପାଇବା କଷ୍ଟକର ହୋଇଉଠେ।

ଯେହେତୁ ଆମେ ଏଠାରେ ଆଧୁନିକ ଯୁଗ ବିଷୟରେ ଆଲୋଚନା କରୁଛେ । ତେବେ ଆଧୁନିକ ଯୁଗର ଜନକ ଭାବରେ ଆମେ କବିବର ରାଧାନାଥ ରାୟଙ୍କୁ ଜାଣିଛେ , ଯିଏ ଦରବାରୀ ସାହିତ୍ୟର ପ୍ରଚଳନକୁ ପ୍ରସାରିତ କରିବା ପାଇଁ ସେ ଆଧୁନିକ କବିତା ଲେଖିବା ଆରମ୍ଭ କରିଥିଲେ। ଯେଉଁଠି ସେ ବୃକ୍ଷଲତା, ନଦୀ, ଝରଣା ତଥା ପ୍ରକୃତିକୁ କବିତାରେ ବର୍ଣ୍ଣନା କଲେ ଏବଂ ମଣିଷକୁ ମଧ୍ୟ କବିତାର ନାୟକ ଭାବେ ସଜେଇଲେ। ରାଧାନାଥଙ୍କ ଭଳି ଓଡ଼ିଶାର ଅନ୍ୟତମ ସ୍ରଷ୍ଟା କବି ଗଙ୍ଗାଧର ମେହେର ମଧ୍ୟ ଆଧୁନିକ ଯୁଗର ଜଣେ ନାମୀ ଦାମୀ ସାହିତ୍ୟ ସ୍ରଷ୍ଟା। କବି ଗଙ୍ଗାଧର ମେହେରଙ୍କୁ ସ୍ୱଭାବ କବି, ପ୍ରକୃତି କବି ଭାବରେ ମଧ୍ୟ ଆଖ୍ୟା ଦିଆଯାଇଛି। ଯେହେତୁ ତାଙ୍କ କବିତାରେ ପ୍ରକୃତି ସଜିଥାଏ ନାୟିକା ଏବଂ ପ୍ରକୃତିର ବିଭିନ୍ନ ଉପାଦାନ ସବୁ ନିଜ ନିଜ ଚରିତ୍ରରେ ଚିତ୍ରଣ ହେଇ କାହାଣୀ ମାନ କହିଥାଏ। ତେବେ କବି ଗଙ୍ଗାଧରଙ୍କ ଜନ୍ମ ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ ରାକ୍ଷୀ ପୂର୍ଣ୍ଣମା ଦିନ, ଓଡ଼ିଶାର ବରଗଡ଼ ସ୍ଥିତ ବରପାଲି ଗ୍ରାମର ଏକ ଗରିବ ତନ୍ତୀ ପରିବାର ରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର, ମାତା ସେବତୀ ଦେଇ। ବାଲ୍ୟକାଳରୁ ଗଙ୍ଗାଧର ନିଜ ପରିବାରର ଭରଣ ପୋଷଣ ପାଇଁ ତନ୍ତ ଚଳାଇବା କାର୍ଯ୍ୟରେ ନିଜ ପିତାଙ୍କୁ ସାହାଯ୍ୟ କରୁଥିଲେ। ଅଳ୍ପ ପାଠ ପଢ଼ି ମଧ୍ୟ ସେ ଛୋଟ ବେଳରୁ ସାହିତ୍ୟ ପ୍ରତି ଆକର୍ଷିତ ହୋଇ ଅନେକ କବିତା ମାନ ରଚନା କରିଥିଲେ। ଅନେକ ସମୟରେ ବୁଦ୍ଧିଜୀବୀଙ୍କ ମତ ଅନୁସାରେ ଆଧୁନିକ କବିତା ପାଇଁ ସେ ରାଧାନାଥଙ୍କ ଶୈଳୀକୁ ଅନୁସରଣ କରୁଥିଲେ କିନ୍ତୁ ରାଧାନାଥ ଯେତେବେଳେ ବିଦେଶୀ ଭାଷା ସାହିତ୍ୟରୁ କଥାବସ୍ତୁ ଗ୍ରହଣ କରି କବିତା ଲେଖୁଥିଲେ ସେତେବେଳେ ଗଙ୍ଗାଧର ସଂସ୍କୃତ ଭାଷାରୁ କଥାବସ୍ତୁ ଗ୍ରହଣ କରି ଅନେକ କବିତା ଲେଖୁଥିଲେ। ତାଙ୍କ କବିତାରେ ଥାଏ ପ୍ରକୃତିର ସ୍ୱର, ମାଟିର ମଣିଷର ଆଚରଣ, ପୁଣି ତାଙ୍କ କବିତାରେ ପ୍ରକୃତି ଜୀବନ୍ତ ହୋଇଉଠେ।

ଯେହେତୁ ସେ ଅତି ଅଳ୍ପ ବୟସରୁ ପରିବାରକୁ ସାହାଯ୍ୟ କରିବା ଦିଗରେ ସହାୟକ ହେଇଥିଲେ ସେତେବେଳେ ସେ ବାଲ୍ୟକାଳରୁ ବିବାହ ମଧ୍ୟ କରିଥିଲେ, ବିବାହ ପରେ ତାଙ୍କ ପ୍ରଥମ ପତ୍ନୀ ଶାନ୍ତା ଦେବୀଙ୍କ ଅକାଳ ବିୟୋଗରେ ସେ ପୁନର୍ବାର ଚମ୍ପାଦେବୀଙ୍କୁ ବିବାହ କରିଥିଲେ, ତାଙ୍କର ଚାରୋଟି ପୁତ୍ର କନ୍ୟା ଥିଲେ, ଯଥା; ଅର୍ଜୁନ, ଭଗବାନ, ବସୁମତୀ, ଲକ୍ଷ୍ମୀ।

୧୮୮୫ ମସିହା ବେଳକୁ ମେହେର ବରଗଡ଼ ରାଜାଙ୍କ ପାଖରେ ଅମିନ ଭାବରେ ଚାକିରି କରିଥିଲେ, ଏବଂ ୧୯୧୭ ମସିହା ବେଳକୁ ମୋହରିର ଭାବରେ ଚାକିରୀରୁ ଅବସର ନେଇଥିଲେ। ଯଦି ଆମେ ତାଙ୍କ ସାହିତ୍ୟ ଯାତ୍ରା କଥା ଦେଖିବା ସେ ଅତି ଅଳ୍ପ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲେ। ରୀତି ଯୁଗର କବି ମାନଙ୍କୁ ଅନୁସରଣ କରି ସେ 'ରସ ରତ୍ନାକର ଏବଂ ଅହଲ୍ୟା ସ୍ତବ' ନାମକ ଦୁଇଟି କାବ୍ୟ ରଚନା କରିଥିଲେ। କିନ୍ତୁ ପରେ ପରେ ରାଧାନାଥଙ୍କ ଆଧୁନିକ ଶୈଳୀକୁ ଆପଣେଇ 'ଇନ୍ଦୁମତି' ବୋଲି ତାଙ୍କର ପ୍ରଥମ ଆଧୁନିକ କାବ୍ୟ ରଚନା କରିଥିଲେ, ଠିକ୍ ସେଭଳି ' କୀଚକ ବଧ' ତାଙ୍କର ଅନ୍ୟଏକ କାବ୍ୟ ଯାହା ମହାଭାରତର କଥାବସ୍ତୁରୁ ଆନୀତ ଏବଂ 'ତପସ୍ୱିନୀ' ତାଙ୍କର ଏକ ଅନନ୍ୟ ସୃଷ୍ଟି ଯାହା ରାମାୟଣ ସମୟରେ ରାମଙ୍କ ଦ୍ୱାରା ସୀତା ପରିତ୍ୟକ୍ତ ହେଲାପରେ ବାଲ୍ମୀକି ଆଶ୍ରମରେ କିଭଳି ଭାବରେ ଜୀବନ ଅତିବାହିତ କରିଥିଲେ ତାହାକୁ ବର୍ଣ୍ଣନା କରାଯାଇଛି । 'ପ୍ରଣୟ ବଲ୍ଲରୀ' ତାଙ୍କର ଅନ୍ୟ ଏକ ସୃଷ୍ଟି ଯାହା ତାଙ୍କ ଶେଷ ସମୟର କାବ୍ୟ ଭାବରେ ମଧ୍ୟ ଜଣାଯାଏ। 'ଅର୍ଘ୍ୟଥାଳୀ' ନାମକ ଏକ ଗୀତି କବିତାମାଳା ମଧ୍ୟ ତାଙ୍କ ସାହିତ୍ୟକୁ ବେଶ୍ ଭଲ ଭାବରେ ଆଲୋକପାତ କରେ।

କବି ଗଙ୍ଗାଧରଙ୍କ କବିତାରେ ଥାଏ ଛନ୍ଦ, ମାଧୁର୍ଯ୍ୟରେ ପ୍ରକୃତିକୁ ବର୍ଣ୍ଣିବାର କଳା ଯେଉଁଠି ପାଇଁ ସେ ଅନେକ କାବ୍ୟ ରଚନା କରିଛନ୍ତି ଯଥା; 'ଇନ୍ଦୁମତୀ (୧୮୯୩), ମଧୁମୟ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ତପସ୍ୱିନୀ (୧୯୧୨) , ପ୍ରଣୟ ବଲ୍ଲରୀ, ରସ ରତ୍ନାକର, କବିତା କଲ୍ଲୋଳ, ମହିମା, ଅଯୋଧ୍ୟା ଦୃଶ୍ୟ, ବଳରାମ ଦେବ, ପଦ୍ମିନୀ', ତାଙ୍କ କବିତା ଗୁଡ଼ିକ ହେଲା ; ଅହଲ୍ୟା ସ୍ତବ, ଅର୍ଘ୍ୟଥାଳୀ, ମାତୃଭୂମି, ଅର୍ପଣ, ଉତ୍କଳ ଲକ୍ଷ୍ମୀ, ଭାରତୀ ଭାବନା, ମହାଜନ, ଭରସା, ଉତ୍କଳ ଭାରତୀଙ୍କ ଉକ୍ତି, ନର ଓ ମୟୂର ଇତ୍ୟାଦି ତାଙ୍କର କବିତା ଯାହା ଓଡ଼ିଆ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି।

କବି ଗଙ୍ଗାଧର ମେହେର ନିଜର କବିତାରେ ପ୍ରକୃତିକୁ ଏଭଳି ଜୀବନ୍ତ କରିଥାନ୍ତି ଯାହା ପ୍ରକୃତି ଏବଂ ମଣିଷ ମଧ୍ୟରେ ସମ୍ପର୍କ ଆଉ ଦି ପାଦ ଆଗେଇ ଆସେ। ଆମେ ଅନେକ ସମୟରେ ଦରବାରୀ ସାହିତ୍ୟର ଦେଖିଛେ, ଯେ କୌଣସି କବିତାରେ କିମ୍ବା ସାହିତ୍ୟରେ ଜଣେ ରାଜାଙ୍କ ବିଷୟରେ ଅବା ରାଜ୍ୟ ଶାସନ ବିଷୟରେ ବର୍ଣ୍ଣନା କରାଯାଇଥାଏ। ଯାହା କେବଳ ଦରବାର ଯାଏଁ ସୀମିତ ଥିଲା । ଇତିହାସରେ ଆମେ ଅନେକ ଜାଗାରେ ଦେଖିଛେ, 'କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର' ଯାହା ଆମକୁ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଥା ପରମ୍ପରା ବିଷୟରେ ସୂଚନା ଦିଏ ଠିକ୍ ସେଭଳି 'କହ୍ଲଣଙ୍କ ରାଜ ତରଙ୍ଗିଣୀ ' ଯାହା କାଶ୍ମୀର ର ରାଜଦରବାର ବିଷୟରେ ଜଣେଇ ଥାଏ। କିନ୍ତୁ ଆଧୁନିକ କବିତାରେ ରାଜା ବଦଳରେ ସାଧାରଣ ମଣିଷ ମାନଙ୍କୁ ନାୟକ ଭାବେ ପ୍ରକୃତି ସହ ଅବା ପ୍ରକୃତିକୁ ଚରିତ୍ରରେ ଚିତ୍ରଣ କରି କବିତା ଲେଖାଯାଇଥାଏ। ଯାହା ରାଧାନାଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ଗଙ୍ଗାଧର ମେହେର ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏଇ ଆଧୁନିକ ଓଡ଼ିଆ ସାହିତ୍ୟରେ। ଏଇ ମହାନ ସ୍ରଷ୍ଟାଙ୍କ ଅବସାନ ୧୯୨୪ ମସିହା ଏପ୍ରିଲ ୪ ତାରିଖ ଦିନ ଚୈତ୍ର ଅମାବାସ୍ୟା ଦିନ ଘଟିଥିଲା। ଯାହାଙ୍କ ଜନ୍ମରେ ପୂର୍ଣ୍ଣିମାର ଆଲୁଅ ଏବଂ ମୃତ୍ୟୁରେ ଅମାବାସ୍ୟାର ଅନ୍ଧାର ଘୋଟି ଆସିଥିଲା ବୋଲି କହିଲେ କୌଣସି ଅତ୍ୟୁକ୍ତି ହେବନାହିଁ।

❤ ସ୍ନାତକ, ଇତିହାସ ବିଭାଗ
ପଳାସ, ଜୁନାଗଡ଼,କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

# ଶାଙ୍ଗ୍ରିଲା ଭ୍ୟାଲି ଓ ବରମୁଡା ଟ୍ରାଙ୍ଗେଲ୍ ରହସ୍ୟ

❤ ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



କିଛି ଘଟଣା ବିଶ୍ୱାସ ନହେଲେ ବି ସତ । ଆମ ଚାରିପଟେ ଏଭଳି କିଛି ଜିନିଷ ଅଛି ଯାହା ଆମକୁ ଆଶ୍ଚର୍ଯ୍ୟ କରିଥାଏ । ହେଲେ ସବୁ କିଛି ଆମ ଜ୍ଞାତସାର ବାହାରେ । ବିଜ୍ଞାନ ଯୁଗରେ ନୂଆନୂଆ ଆବିଷ୍କାର ଆମକୁ ବିସ୍ମୟ କରି ଆସୁଛି । ବୈଜ୍ଞାନିକଙ୍କ ପାଖରେ ସବୁ ସମ୍ଭବକୁ ଅସମ୍ଭବ କରିବାର କ୍ଷମତା ରହିଛି । ତଥାପି ପ୍ରକୃତି ଭିତରେ ଏମିତି କିଛି ଘଟଣା ଘଟୁଛି ଯାହାକି ଭେଦ କରିବାକୁ ବୈଜ୍ଞାନିକ ବି ସଫଳ ହୋଇନାହାନ୍ତି । ଆମ ଚାରିପଟେ ଏମିତି ବହୁତ ରହସ୍ୟ ରହିଛ। ପ୍ରଥମ ଜାଣିବା ସମୁଦ୍ରରେ ଥିବା ଏପରି ଏକ ସ୍ଥାନ ବିଷୟରେ। ସମୁଦ୍ରରେ ଉତ୍ତର ଆଟଲାଣ୍ଟି ସାଗରର ପଶ୍ଚିମରେ ଅବସ୍ଥିତ ବରମୁଡା ଟ୍ରାଙ୍ଗେଲରେ ବହୁ ସଂଖ୍ୟାରେ ଉଡାଜାହାଜ ଓ ପାଣି ଜାହାଜ ଅଦୃଶ୍ୟ ହୋଇଯାଆନ୍ତି । ଏହି ରହସ୍ୟମୟୀ ଅଂଚଳର ଅବସ୍ଥିତି ପଛରେ ଅନେକ କାରଣ ଅଛି, ଯାହାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ଜଣାପଡି ନାହିଁ । ଠିକ୍ ସେହିପରି ମହାକାଶରେ ମଧ୍ୟ ଅଛି ଏହିପରି ତ୍ରିକୋଣ ସ୍ଥାନ। ସେଠି ମହାକାଶ ଯାନର କମ୍ପ୍ୟୁଟର ଓ ସାଟେଲାଇଟ ଓ ଅନ୍ୟାନ୍ୟ ଉପକରଣ କାମ କରିବା ବନ୍ଦ କରି ଦିଏ । ମହାକାଶର ଏହି ଅଂଚଳ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଏବଂ ବ୍ରାଜିଲ ଆକାଶର ଠିକ ଉପରେ ଅବସ୍ଥିତ । ଏହାକୁ ଦକ୍ଷିଣ ଅନୋମଲୀ କୁହାଯାଏ । ଯେତେଦୂର ସମ୍ଭବ ମହାକାଶ ଯାତ୍ରୀ ଏହି ଅଂଚଳରୁ ଦୂରେଇ ରହିବା ପାଇଁ ଚେଷ୍ଟା କରନ୍ତି ।

ଏବେ ଆସନ୍ତୁ ଜାଣିବା ପୃଥିବୀର ଥିବା ଏହିପରି ଏକ ରହସ୍ୟମୟ ସ୍ଥାନ ଯାହାର କାରଣ ବୈଜ୍ଞାନିକ ମାନେ ଖୋଜି ପାଉନାହାନ୍ତି। ଭାରତର ଅରୁଣାଚଳ ପ୍ରଦେଶ ଏବଂ ତିବ୍ବତ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯାହାକୁ ବିଶ୍ୱର ଦ୍ୱିତୀୟ 'ବରମୁଡା ଟ୍ରାଙ୍ଗେଲ୍' କୁହାଯାଏ, ଯାହାର ନାମ ଶାଙ୍ଗ୍ରିଲା ଭ୍ୟାଲି ଯାହାକି ଆଜି ଯାଏ ରହିଛି ରହସ୍ୟ ଘେରରେ । ଶାଙ୍ଗ୍ରିଲା ଉପତ୍ୟକା ଏପରି ଏକ ସ୍ଥାନ ଯାହାର



ରହସ୍ୟ ଏପର୍ଯ୍ୟନ୍ତ ଜଣା ପଡିନାହିଁ । ଭାରତରେ ଏପରି ଅନେକ ସ୍ଥାନ ଅଛି ଯାହା ବିବିଧତାରେ ପରିପୂର୍ଣ୍ଣ ଯାହା ଅତ୍ୟନ୍ତ ରହସ୍ୟମୟ । ଯାହା ବିଷୟରେ ବିଜ୍ଞାନ ମଧ୍ୟ ସଠିକ୍ ଉତ୍ତର ଦେବାକୁ ସକ୍ଷମ ନୁହେଁ । ଏହା ବିଶ୍ୱର ଦ୍ୱିତୀୟ 'ବରମୁଡା ଟ୍ରାଙ୍ଗେଲ୍' ମଧ୍ୟ କୁହାଯାଏ। ଶାଙ୍ଗ୍ରିଲା ଭ୍ୟାଲି ଯାହାକି ଆଜି ଯାଏ ରହିଛି ରହସ୍ୟ ଘେରରେ । ଖାସ୍ କରି ତନ୍ତ୍ରମନ୍ତ୍ରରେ ଏହି ଘାଟୀ କଥା ଉଲ୍ଲେଖ କରାଯାଇଛି। ବରମୁଡା ଟ୍ରାଙ୍ଗେଲ୍ ଭଳି ଏହି ଘାଟୀକୁ ମଧ୍ୟ ଦୁନିଆର ସବୁଠାରୁ ରହସ୍ୟମୟ ସ୍ଥାନ ଭାବେ ଗଣାଯାଏ। କୁହାଯାଏ ଯେ ଏହି ଘାଟୀର ସମ୍ପର୍କ ଅନ୍ୟ ଲୋକ ବା ଭୂତଲୋକ ସହ ରହିଛି। ଏହି ଉପତ୍ୟକା ଅତ୍ୟନ୍ତ ବିପଜ୍ଜନକ, ଏଠାକୁ ଯିବା ପରେ କେହି ଫେରିବା ଅସମ୍ଭବ ମନେହୁଏ। ଭାରତର ଏହି ସ୍ଥାନ ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ରହସ୍ୟମୟ । ଏହି ଉପତ୍ୟକା ସହିତ ଜଡିତ ଅନେକ ଲୋକକଥା ଅଛି, ଯାହା ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି । କୁହାଯାଏ ଯେ ଏହି ଉପତ୍ୟକାରେ ସମୟ ବନ୍ଦ ହୋଇଯାଏ । ଯେଉଁଥିପାଇଁ ବିମାନ ମଧ୍ୟ ଏହା ଉପରେ ଉଡ଼ିପାରେ ନାହିଁ । ଆହୁରି ମଧ୍ୟ କୁହାଯାଏ ଯେ, ଯଦି ଜଣେ ବ୍ୟକ୍ତି ଭୁଲରେ ମଧ୍ୟ ଏଠାକୁ ଯାଆନ୍ତି, ତେବେ ତାଙ୍କ ଫେରିବା ଅସମ୍ଭବ ହୋଇଯାଏ । ତିବ୍ବତୀ ଭାଷାରେ ଲିଖିତ ପୁସ୍ତକ 'କାଳ ବିଜ୍ଞାନ'ରେ ମଧ୍ୟ ଏହି ଶାଙ୍ଗ୍ରିଲା ଭ୍ୟାଲି ବିଷୟରେ ବର୍ଣ୍ଣନା କରାଯାଇଛି । ପୁସ୍ତକରେ ଲିଖିତ ଅଛି ଯେ ଦୁନିଆର ପ୍ରତ୍ୟେକ ଜିନିଷ ସ୍ଥାନ ଓ ସମୟ ସହ ଅନୁବନ୍ଧିତ । କିନ୍ତୁ ଏହି ଘାଟୀରେ ସମୟ ବା କାଳର କୌଣସି ପ୍ରଭାବ ପଡ଼େ ନାହିଁ । ଏଠାରେ ପ୍ରାଣ, ମନର ବିଚାର ଶକ୍ତି, ଶାରୀରିକ କ୍ଷମତା ଏବଂ ମାନସିକ ଚେତନା ବହୁତ ଅଧିକ ବଢ଼ିଯାଏ । ଏହି ସ୍ଥାନକୁ ପୃଥିବୀର ଆଧ୍ୟାତ୍ମିକ କେନ୍ଦ୍ର ମଧ୍ୟ କୁହାଯାଏ । ତାନ୍ତ୍ରିକମାନେ ଏହି ସ୍ଥାନକୁ ତନ୍ତ୍ରସାଧନା କରିବାକୁ ଆସିଥାନ୍ତି । ଏଠାରେ କୌଣସି ଶବ୍ଦ ଶୁଭେ ନାହିଁ ବୋଲି କୁହାଯାଏ । ଅନେକ ବିଶେଷଜ୍ଞ ମଧ୍ୟ ଏହି ରହସ୍ୟମୟ ଉପତ୍ୟକାକୁ ଆମେରିକାର ପୂର୍ବ ଉପକୂଳରେ ଅବସ୍ଥିତ ବରମୁଡ଼ା ଟ୍ରାଇଙ୍ଗଲ ସହିତ ତୁଳନା କରନ୍ତି ।

ଶାଙ୍ଗ୍ରିଲା ଉପତ୍ୟକା ଯେପରି ପୃଥିବୀରେ ଏକ ରହସ୍ୟ ସ୍ଥାନ ଠିକ୍ ସେପରି ମହାକାଶରେ ମଧ୍ୟ ଏପରି କିଛି ସ୍ଥାନ ଯାହା ଆଶ୍ଚର୍ଯ୍ୟଜନକ ଆଉ ସେହି ସ୍ଥାନରେ ମଧ୍ୟ ଏହିଭଳି ଘଟଣା ଘଟେ। ମହାକାଶରେ ରେ ମଧ୍ୟ ଅଛି ଏକ ବରମୁଡା ଟ୍ରାଙ୍ଗେଲ୍, ଯେଉଁଠି କାମ କରିବା ବନ୍ଦ କରିଦିଏ ଅନ୍ତରୀକ୍ଷ ଉପକରଣ। ତେବେ ବର୍ତ୍ତମାନ ମହାକାଶରେ ପୁଣି ବରମୁଡା ଟ୍ରାଙ୍ଗେଲ ଭଳି ସ୍ଥାନ ଲୋକଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି । ଦ୍ୱିତୀୟ ଥର ଦକ୍ଷିଣ ଅନୋମଲୀ ଅତିକ୍ରମ କରିଥିବା ନାସାର ମହାକାଶ ଯାତ୍ରୀ ଟେରୀ ବଟସଙ୍କ କହିବାନୁସାରେ ପ୍ରଥମ ମହାକାଶ ମିଶନରେ ହିଁ ତାଙ୍କୁ ଏ ବିଷୟରେ ଜଣାପଡିଥିଲା । ଆଜିକାଲି ବ୍ୟକ୍ତିଗତ କମ୍ପାନୀ ଗୁଡିକ ମହାକାଶ ଯାନ ଉପରେ କାମ କରୁଥିବାରୁ , ଏଥିରୁ ବଂଚିବା ଜରୁରୀ ହୋଇପଡିଛି । ବୈଜ୍ଞାନିକଙ୍କ ଅନୁସାରେ, ସୂର୍ଯ୍ୟରୁ ଆସୁଥିବା ବିକିରଣକୁ ପୃଥିବୀର ଶକ୍ତିଶାଳୀ ଚାର୍ଜ କଣିକା ସ୍ତର ରୋକିବାରେ ସହାୟକ ହୁଏ । ଏହି ସ୍ତରରେ ସୂର୍ଯ୍ୟର ବିକିରଣ ଧକ୍କା ହୋଇ ମହାକାଶରେ ବିଚ୍ଛୁରିତ ହୋଇଯାଏ । ଯେହେତୁ ପୃଥିବୀ ଗୋଲ ନୁହେଁ ମେରୁ ଗୁଡିକରେ ଚେପଟା ଓ ମଝିରେ ମୋଟା, ସେଥିପାଇଁ ଚାର୍ଜ କଣିକା ସ୍ତର ମଧ୍ୟ ମେରୁ ଗୁଡିକର ପାଖକୁ ଆସି ପୃଥିବୀର ଅଧିକ ନିକଟତର ହୋଇଯାଏ । ତେଣୁ ଏହି ଇଲାକାରେ ବିକିରଣର ବେଶି ପ୍ରଭାବ ଦେଖାଯାଏ ।

❤ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୮୨୪୯୫୦୨୭୭୬

# ଭୋଟ ଚୋରି ବା ଭୋଟ ଟେମ୍ପେରିଂ

## କାଳୀ ଦାସ

ଭାରତରେ ନିର୍ବାଚନ ହେଲା ମହା ପର୍ବ। ସଂସଦ ହେଲା ମନ୍ଦିର। ଭାରତରେ ପ୍ରତି ପାଞ୍ଚ ବର୍ଷ ରେ ଥରେ ନିର୍ବାଚନ ହୋଇଥାଏ କିନ୍ତୁ ଆଜିକାଲି ନିର୍ବାଚନ ଫଳାଫଳକୁ ଧରି ରାଜନୈତିକ ଦଳ ମାନେ ବଡ଼ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ ସମୟରେ ଅନେକ ରାଜନୈତିକ ଦଳ ଭୋଟ ଚୋରିର ଅଭିଯୋଗ କରୁଛନ୍ତି। ନିକଟରେ ମହାରାଷ୍ଟ୍ରର ନିର୍ବାଚନ ହୋଇଥିଲା ଏବଂ ତାର ଫଳାଫଳକୁ ଧରି ବିରୋଧୀ ଦଳର ନେତା ମାନେ ସୁପ୍ରିମ କୋର୍ଟରେ ଏକ ମୁକୁଦ୍ଦମା ଦାଏର କରିଥିଲେ କିନ୍ତୁ ସୁପ୍ରିମ କୋର୍ଟ ଦ୍ୱାରା ବିରୋଧୀ ଦଳ ମାନଙ୍କ ଅଭିଯୋଗକୁ ଖାରଜ କରାଗଲା।

ସେହିପରି ଓଡ଼ିଶାର ଜଣେ ମହିଳା ଯେବେ ଭୋଟ ଦେବାକୁ ପୁଲିଂ ବୁଥକୁ ଯାଇଥିଲେ ସେହି ସମୟରେ ସିଏ ଜାଣିଲେ ଯେ ତାଙ୍କ ନାମରେ ଆଉ କିଏ ଭୋଟ ଦେଇଛନ୍ତି। ସେହି ମହିଳା ବିଭିନ୍ନ ଗଣମାଧ୍ୟମକୁ କହିଛନ୍ତି ତାଙ୍କ ନାମରେ ଆଉ ଜଣେ କିଏ ଭୋଟ ଦେଇଛନ୍ତି। ମହିଳାଙ୍କ ଅଭିଯୋଗ ପୁରା ଓଡ଼ିଶାର ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ବର୍ତ୍ତମାନ ଓଡ଼ିଶାର ନିର୍ବାଚନକୁ ଧରି ପ୍ରଶ୍ନ ଉଠୁଛି କି କିଏ କେମିତି ଅନ୍ୟ ଲୋକଙ୍କ ନାମରେ ଭୋଟ ଦେଲା ଆଉ ନିର୍ବାଚନ କମିସନର ତରଫରୁ କିଛି ହେଲେ ପଦକ୍ଷେପ କଣପାଇଁ ନିଆଗଲାନାହିଁ।ଏମିତି ଯଦି ଜଣକ ବଦଳରେ ଅନ୍ୟ ଜଣେ ଭୋଟ ଦେବ ଏବଂ ଧରା ବି ପଡିବନାହିଁ ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ତା ବିରୁଦ୍ଧରେ ହେବ ନାହିଁ ତାହେଲେ ଅନ୍ୟ ନାମରେ ଭୋଟ ଦେଇଥିବା ଲୋକ କାହିଁକି ଡରିବ ? ଏହି ପରି ଯଦି ଭୋଟ ଚୋରି ହେବ ତାହେଲେ ଗଣତନ୍ତ୍ର କେମିତି ବଞ୍ଚିବ। ନିର୍ବାଚନ ସମୟରେ ଭୋଟ ଚୋରି ସମସ୍ୟାକୁ ଦୃଷ୍ଟିରେ ରଖି ନିର୍ବାଚନ କମିସନର ଠିକ୍ ଭାବରେ ନିର୍ବାଚନ କରିବାପାଇଁ ନିଷ୍ପତି ନେବା କଥା। ନିର୍ବାଚନ କମିସନରଙ୍କ ଦାଇତ୍ୱ ନିର୍ବାଚନକୁ ସୁରୁଖୁରୁ ଏବଂ ବିନା ପକ୍ଷପାତ ରେ କରାଇବା। କିନ୍ତୁ ନିର୍ବାଚନ କମିସନର ଭୋଟ ଦେବା ବେଳେ ହେଉଥିବା ସମସ୍ୟାକୁ ଅଣ ଦେଖା କରି କିଛି ଏକ୍ସନ ନ ନେବା ଏବଂ ଶାସକ ଦଳ ପାଇଁ କାମ କରିବା କେତେ ଦୂର ଠିକ ?

ଭାରତରେ ନିର୍ବାଚନ କିଛି ଆଧାର ଉପରେ ପତିଷ୍ଠିତ ଯେପରି କି 'ୱାନ ପର୍ସନ ୱାନ ଭୋଟ'। ନିର୍ବାଚନ ସମୟରେ ଅନ୍ୟ ରାଜନୈତିକ ଦଳ ତରଫରୁ ଇଭିଏମକୁ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆମ ଆଦମୀ ପାର୍ଟି ତରଫରୁ ଅନେକ ଥର କୁହାଯାଇଛି କି ଇଭିଏମକୁ ହଟାଇ ଭିବିପେଡ ଯଦି ଅଣାଯାଏ ତାହେଲେ ଦେଶରେ ଭୋଟ ପ୍ରକ୍ରିୟାରେ ହେଉଥିବା ତ୍ରୁଟି ବିଚ୍ୟୁତି ଉପରେ ଅଙ୍କୁଶ ଲାଗିବ । ଆମ ଜନତାଙ୍କ ମନର ଆଶଙ୍କା ରହିବ ନାହିଁ।ଗତ କିଛି ବର୍ଷ ତଳେ ଆମେରିକା ତରଫରୁ କୁହାଯାଇଛି କି ଇଭିଏମ୍ ଦ୍ୱାରା ଭୋଟରଙ୍କ ଭୋଟ ଚୋରି ହେଇପାରିବ ଏବଂ ଲୋକଙ୍କ ଭୋଟ ସୁରକ୍ଷିତ ରହିବନି ତେଣୁ ଭିବିପେଡ ସିଷ୍ଟମ୍ ଆଣିବା ଦରକାର। ଭିବିପେଡ ସିଷ୍ଟମ ଦ୍ୱାରା ଭୋଟ ଚୋରି ହୋଇପାରିବ ନାହିଁ। ଦିଲ୍ଲୀ ନିର୍ବାଚନ ବେଳେ ଆମ ଆଦମୀ ପାର୍ଟି ତରଫରୁ କୁହା ଗଲା ଯେ ବିଜେପି ନେତାଙ୍କ ଘର ଠିକଣାରେ ୩୦ ବା ୪୦ ଲୋକଙ୍କ ନାମ ଭୋଟର ଭାବରେ ରେଜିଷ୍ଟ୍ରେସନ କରାଯାଇଛି। ଏହା ପୂର୍ବରୁ ମାତ୍ର ୨ କିମ୍ବା୪ ଜଣଙ୍କ ନାମ ଭୋଟର ଭାବରେ ରେଜିଷ୍ଟ୍ରେସନ କରାଯାଇଥିଲା। ଏହି ବିଷୟ ରେ ଇଲେକ୍ସନ କମିସନର କୌଣସି ତଦନ୍ତ କରିଲେ ନାହିଁ।

ବିହାରରେ ଆଗକୁ ନିର୍ବାଚନ ଅଛି। ସେଥିପାଇଁ ନିର୍ବାଚନ କମିସନର ଏସ - ଆଇ - ଆର ଲଗାଇଛନ୍ତି।ଏହାକୁ ସମସ୍ତ ବିରୋଧୀ ବିରୋଧ କରିଛନ୍ତି। ଏସ - ଆଇ- ଆର ଦ୍ୱାରା ୬୫ ଲକ୍ଷ ବିହାର ଭୋଟରଙ୍କ ନାମ କଟାଯାଇଛି।

ଆମେରିକାର ଏଲେନ ମସ୍କଙ୍କ ତରଫରୁ ଟୁଇଟ୍ କରାଯାଇଛି ଯେ ଇଭିଏମ ମେସିନକୁ ହେକିଂ କରାଯାଇପାରିବ ଏବଂ ଭୋଟ ଚୋରି ହୋଇପାରିବ।

୨୦୦ ବର୍ଷର ବିଦେଶୀ ଶାସନ ପରେ ଆମେ ସ୍ୱାଧୀନତା ପାଇଲୁ କିନ୍ତୁ ଏବଂ ଯାଏଁ ଗଣତନ୍ତ୍ରର ମୂଲ୍ୟ ବୁଝିପାରିଲୁନାହିଁ। ନୋଟ ବଦଳ ରେ ଭୋଟ ଏବେ ମଧ୍ୟ ଚାଲିଛି। ଭୋଟ ପାଇଁ ମଦ ବିତରଣ ହେଉଛି। ଦେଶର ସାଧାରଣ ଜନତା ଯେବ ଯାଏଁ ନିଜ ଅଧିକାରକୁ ନେଇ ସତର୍କ ନ ହେବେ ସେବଯାଏଁ ଦେଶର ଗଣତନ୍ତ୍ର କଳୁଷିତ ହୋଇ ରହିବ।

❤ ବ୍ରହ୍ମପୁର, ଖୋଡାସିଂଗି
କଳିଙ୍ଗନଗର, ଗଞ୍ଜାମ,
ପିନ -୭୬୦୦୧୦
ମୋ: ୭୨୦୫୧୦୦୮୩୯

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୪ ତାଙ୍କର ଶିକ୍ଷା

ସପ୍ତମ ଦିନ ରାଜକୁମାର ସିଦ୍ଧାର୍ଥଙ୍କ ଜନନୀ ମୃତ୍ୟୁବରଣ କଲେ। ରାଜାଙ୍କ ପ୍ରଜାପତି ଗୌତମୀ ନାମ୍ନୀ ଅନ୍ୟ ଜଣେ ରାଣୀ ଥିଲେ। ସେ ଥିଲେ ରାଣୀ ମହାମାୟାଦେବୀଙ୍କର ସାନ ଭଉଣୀ। ରାଣୀ ମହାମାୟାଦେବୀଙ୍କ ମୃତ୍ୟୁ ଦିବସରେ ସେ ମଧ୍ୟ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପ୍ରଜାପତି ଗୌତମୀ ନିଜ ସନ୍ତାନର ଦାୟିତ୍ୱ ଜଣେ ସେବିକାଙ୍କୁ ଦେଇ ରାଜକୁମାର ସିଦ୍ଧାର୍ଥଙ୍କୁ ନିଜ ସନ୍ତାନ ଭାବେ ଗ୍ରହଣ କରିନେଲେ। ସେ ରାଜକୁମାରଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ତେଣୁ ରାଜକୁମାର ସିଦ୍ଧାର୍ଥ ନିଜ ପ୍ରକୃତ ମାତାଙ୍କୁ ମଧ୍ୟ ମନେପକାଇବାର ଅବକାଶ ପାଇଲେ ନାହିଁ। ଯେତେବେଳେ ରାଜକୁମାର ସିଦ୍ଧାର୍ଥ ଅଳ୍ପ କେତେବର୍ଷର ହୋଇଥିଲେ, ସେତେବେଳେ ରାଜା ଶୁଦ୍ଧୋଦନ ତାଙ୍କୁ ବିଦ୍ୟାଳୟକୁ ପ୍ରେରଣ କଲେ। ସେଠାରେ ତାଙ୍କ ଶ୍ରେଣୀରେ ଅନେକ ସହପାଠୀ ଥିଲେ। ସେମାନେ ସମସ୍ତେ ଥିଲେ ସମ୍ଭ୍ରାନ୍ତ ପରିବାରର। ତାଙ୍କ ଶିକ୍ଷକଙ୍କ ନାମ ଥିଲା 'ସର୍ବମିତ୍ର'।

ସେଠାରେ ସିଦ୍ଧାର୍ଥ ବିଭିନ୍ନ ଭାଷା, ପଠନ, ଲିଖନ, ଗଣିତ, ଇତିହାସ, ଭୂଗୋଳ, ବିଜ୍ଞାନ ଆଦି ସହ ମୁଷ୍ଟିଯୁଦ୍ଧ, ତୀରଚାଳନା, ମଲ୍ଲଯୁଦ୍ଧ ପରି ଅନେକ ବିଦ୍ୟା ଶିକ୍ଷାଲାଭ କଲେ। ଶ୍ରେଣୀର ଅନ୍ୟ ଛାତ୍ରମାନଙ୍କ ଅପେକ୍ଷା ସେ ଉକ୍ତ ପାଠ୍ୟବିଷୟ ଗୁଡ଼ିକୁ ଖୁବ୍ ଶିଘ୍ର ଶିକ୍ଷା କରିନେଲେ। ସେ ଥିଲେ ଶ୍ରେଣୀରେ ସବୁଠାରୁ ଚତୁର, ଖେଳକୁଦରେ ପାରଙ୍ଗମ ଏବଂ ସବୁଥିରେ ଶ୍ରେଷ୍ଠ। ସେ ପ୍ରତ୍ୟେକ ବିଷୟରେ ଶ୍ରେଷ୍ଠତ୍ୱ ଅର୍ଜନ କଲେ ଏବଂ ଶିକ୍ଷକଙ୍କ ଠାରୁ ମଧ୍ୟ ଅଧିକ ବୁଦ୍ଧିମାନ ହୋଇଉଠିଲେ। ସେ ଥିଲେ ଏକମାତ୍ର ବିଜ୍ଞ ଛାତ୍ର ଯିଏ ଶିକ୍ଷକ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅନେକ ପ୍ରଶ୍ନ ପଚାରୁଥିଲେ। ସେ ମଧ୍ୟ ଥିଲେ ଶ୍ରେଣୀର ସବୁଠାରୁ ଶକ୍ତିଶାଳୀ, ଉଚ୍ଚ ଏବଂ ସୁନ୍ଦର ବାଳକ। ସେ କେବେ ଅଳସୁଆ ହେଉନଥିଲେ; ଶିକ୍ଷକମାନଙ୍କୁ କୁବ୍ୟବହାର ଦେଖାଉନଥିଲେ



ଏବଂ ସେମାନଙ୍କ ଆଜ୍ଞାକୁ ଉଲଙ୍ଘନ କରୁନଥିଲେ। ସେ ସମସ୍ତଙ୍କୁ ଭଲ ପାଉଥିଲେ ଏବଂ ସମସ୍ତେ ମଧ୍ୟ ତାଙ୍କୁ ଶ୍ରଦ୍ଧା କରୁଥିଲେ। ସେ ଥିଲେ ସମସ୍ତଙ୍କ ବନ୍ଧୁ; ପଶୁପକ୍ଷୀମାନଙ୍କ ପ୍ରତି ମଧ୍ୟ ସେ ଥିଲେ ଦୟାଳୁ ଏବଂ ସେମାନଙ୍କର କୌଣସି କ୍ଷତି କରୁନଥିଲେ। (କ୍ରମଶଃ)(କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

ଉଦଳା ପୌରାଞ୍ଚଳ ପରିଷଦର ଜନସାଧାରଣଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

- ରାସ୍ତାକଡରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ (ଓଦା/ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗାଡିକୁ ହସ୍ତାନ୍ତର କରନ୍ତୁ ।
- ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିୟମିତ ଧାର୍ଯ୍ୟ ଟିକସ ପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
- ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାରର ବ୍ୟବହାର କରନ୍ତୁ।
- କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛସାଥି ମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
- ପଲିଥିନ ତଥା ଥର୍ମକୋଲ ବ୍ୟବହାର ନ କରି ପ୍ରଦୁର୍ଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
- ରାସ୍ତା ଉପରେ କିମ୍ବା ରାସ୍ତା କଡ଼ରେ ବାଲି, ଗୋଡି, ପଥର ତଥା ଭାରିଯାନ ରଖି ଯାତାୟତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
- ଆସନ୍ତୁ ସଭିଏଁ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା ।

ସ୍ୱା/-
ପ୍ରିୟ ରଞ୍ଜନ ଜେନା
ନିର୍ବାହୀ ଅଧିକାରୀ
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ସ୍ୱା/-
ପ୍ରମିଳା ପଣ୍ଡା
ନଗରପାଳ
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ପରିଷଦର ସମସ୍ତ କାଉନ୍‌ସିଲର ବୃନ୍ଦ ଏବଂ କର୍ମଚାରୀଗଣ

## ଶୁଭେଚ୍ଛା ସହ
## ପୌରପରିଷଦ, ରାଇରଙ୍ଗପୁର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳନ ଅବସରରେ ପୌର ପରିଷଦ, ରାଇରଂଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛୁ ।

**ନିବେଦନ:**

୧- ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।

୨-ନିଜ ଗୃହର ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ତଥା ଜରି ଆଦି ରାସ୍ତା କଡ଼ରେ କିମ୍ବା ନାଳ ନର୍ଦ୍ଦମାରେ ନ ପକାଇ ଘରକୁ ଘର ବୁଲି ଓଳିଆ ସଂଗ୍ରହ କରୁଥିବା ଗାଡ଼ିକୁ ଦିଅନ୍ତୁ ।

୩-ରାସ୍ତା କଡ଼ ଜମି ଜବର ଦଖଲ କରି ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ ।

୪-ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ।

୫-ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ନିଶିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀ ମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ ।

୬- ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।

୭-ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ, ଏଣେ ତେଣେ ପାନ ଛେପ ପକାନ୍ତୁ ନାହିଁ, ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖନ୍ତୁ ।

୮- ଘରର ପାଇଖାନା ଟାଙ୍କିର ପାଇପ୍ ଡ୍ରେନ୍‌କୁ ନଛାଡ଼ି ସେପ୍‌ଟିକ୍ ଟାଙ୍କିରେ ପକାନ୍ତୁ ଏବଂ ସେପ୍‌ଟିକ୍ ଟାଙ୍କି ପୂର୍ଣ୍ଣ ହେଲେ ରାଇରଙ୍ଗପୁର ପୌର ସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଦାଖଲ କରି ପଞ୍ଜିକୃତ ସେସ୍‌ପୁଲ ଗାଡ଼ି ଦ୍ୱାରା ଏହାକୁ ସଫା କରାନ୍ତୁ ।

''ପୌର ସେବା କର ପାଇଁ ପୌର କର ସେବା ପାଇଁ''

- ନିଖିଳ ଭାରତ ସ୍ୱୟତ୍ତ ଶାସନ ଦିବସ ୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ 'ଦୁଇ ଗୋଟି କଲ୍ୟାଣ ମଣ୍ଡପର' ର ଶୁଭ ଉଦ୍‌ଘାଟନ କରାଯିବ ।

ପରିଷଦର ସମସ୍ତ କାଉନ୍‌ସିଲର ବୃନ୍ଦ ଏବଂ କର୍ମଚାରୀଗଣ

ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ
ଅଧ୍ୟକ୍ଷ
ପୌରପରିଷଦ, ରାଇରଙ୍ଗପୁର

ଶ୍ରୀମତୀ ମମିତା ଚୌଧୁରୀ,
ଉପାଧ୍ୟକ୍ଷା ଏବଂ
ପାରିଷଦ ବୃନ୍ଦ
ପୌରପରିଷଦ, ରାଇରଙ୍ଗପୁର

ଶ୍ରୀମତୀ ଶକୁନ୍ତଳା ହାଁସଦା
(ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ
ଏବଂ ସମସ୍ତ କର୍ମଚାରୀ ବୃନ୍ଦ
ପୌରପରିଷଦ, ରାଇରଙ୍ଗପୁର

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

## ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ" ନୀଳଗିରି

୧-ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨-ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩-ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪-ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫-ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬-ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ
୭-ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କାରାଇ ଗୃହନିର୍ମାଣ କରାନ୍ତୁ ।
୮-ନୀଳଗିରିକୁ ଏକ ପଲିଥିନ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ ।
୯-ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

ଅଂଶୁମାନ ପରିଡା
ନିର୍ବାହୀ ଅଧିକାରୀ ବିଜ୍ଞାପିତ
ଅଞ୍ଚଳ ପରିଷଦ, ନୀଳଗିରି

ସଭ୍ୟ, ସଭ୍ୟା ଓ କର୍ମଚାରୀବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ଶ୍ରୀଯୁକ୍ତ ମହେନ୍ଦ୍ର ନାଥ
ଭାରପ୍ରାପ୍ତ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR : 13179/13/0034/2526

## ରାଉରକେଲା ମହାନଗର ନିଗମ
## ରାଉରକେଲା

### ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା

### ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ସମସ୍ତ ରାଉରକେଲା ବାସୀଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ । ଏତଦ ବ୍ୟତୀତ ଆପଣମାନଙ୍କୁ ଆମ୍ଭେମାନେ ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଛୁ କାରଣ କେବଳ ଆପଣମାନଙ୍କ ପ୍ରଚେଷ୍ଟା ଏବଂ ସହଯୋଗ ଯୋଗୁଁ ଆମ୍ଭେମାନେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ରାଉରକେଲା ସହରକୁ ଜାତୀୟ ସ୍ତରରେ ୧୧୯ ତମ ସ୍ଥାନରୁ ୧୫ତମ ସ୍ଥାନରେ ସ୍ଥାନିତ କରିବାରେ ସକ୍ଷମ ହୋଇପାରିଛୁ ।

ଆସନ୍ତୁ ଏହି ଧାରାକୁ ବଜାୟରଖିବା ପାଇଁ ସଂକଳ୍ପ ନେବା । ଏଥି ନିମନ୍ତେ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ । ଏଣୁ ଘରୋଇ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ଦିଅନ୍ତୁ । ସମସ୍ତ କର ଧାର୍ଯ୍ୟ ସମୟରେ ପଇଠ କରନ୍ତୁ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରନ୍ତୁ । ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଇଠ କରନ୍ତୁ । ମହାନଗର ନିଗମ ସମ୍ପର୍କିତ ଯେକୌଣସି ଅଭିଯୋଗ ପାଇଁ ନିଗମର ଟୋଲ ଫ୍ରି ନଂ ୧୮୦୦-୩୪୫-୭୪୬୮ **(1800-345-7468)** ରେ ଯୋଗାଯୋଗ କରନ୍ତୁ।

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ କରନ୍ତୁ ।

ଆସନ୍ତୁ ଆମ ପ୍ରିୟ ରାଉରକେଲା ସହରକୁ ଏକତ୍ରିତ ହୋଇ ସ୍ୱଚ୍ଛ, ସବୁଜ, ସୁନ୍ଦର ତଥା ପ୍ଲାଷ୍ଟିକ ମୁକ୍ତ ସହର କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ଦୈନିକ ଖବର କାଗଜମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

### ପରିଷଦ ତରଫରୁ ଆମର ସଂକଳ୍ପ

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ ।
୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦାଙ୍କ ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି ।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବ ।
୫. ସମସ୍ତ ରାସ୍ତାର ଏଲଇଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି ।
୬. ଯୋଗ୍ୟ ହିତାଧିରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି ।
୭. ଗାଇ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି ।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନକୁ ସୁନ୍ଦର ଏବଂ ମନୋରମ ସେଲଫି ପଏଣ୍ଟ (**Selfie Point**)ପରିବର୍ତ୍ତିତ କରାଯାଇଅଛି ।
୧୦. ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଗୁଡିକୁ ଏମସିସି, ଏମଆରଏଫ (**MCC, MRF**) ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି ।
୧୧. ବହୁ ମାତ୍ରାରେ ସଫା ଆପ୍ (**Safa App**) ବ୍ୟବହାର କରି ସେସପୁଲ ଗାଡି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି ।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା ।
୧୩. ପୋଖରୀ ଗୁଡିକର ପୁନରୁଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଇଛି ।

ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ।

'ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ"
'ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟି ସୁସ୍ଥ ଚିକିଟି'

ସ୍ୱା/-
ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ
ଉପ ନଗରପାଳ
ବିଜ୍ଞାପିତଅଞ୍ଚଳ ପରିଷଦ, ଚିକିଟି

ସ୍ୱା/--
କାର୍ଯ୍ୟ ନିର୍ବାହୀଅଧିକାରୀ,
ବିଜ୍ଞାପିତଅଞ୍ଚଳ ପରିଷଦ,
ଚିକିଟି

ସ୍ୱା/-
ଶ୍ରୀମତୀ ଦୀପା କୁମାରୀ ସାହୁ
ନଗରପାଳିକା ବିଜ୍ଞାପିତଅଞ୍ଚଳ
ପରିଷଦ, ଚିକିଟି

# ବଚସାକୁ ନେଇ ଦୁଇ ନାବାଳକଙ୍କ ମଧ୍ୟରେ ମାରପିଟ୍ : ହସ୍ପିଟାଲରେ ଚିକିତ୍ସିତ

ବୈଶିଙ୍ଗା , ୩୦/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବାମଡା ଗ୍ରାମ ରେ ଶୁକ୍ରବାର ଦୁଇ ନାବାଳକଙ୍କ ଝଗଡ଼ାକୁ ଆଜି ସନ୍ଧ୍ୟାରେ ପ୍ରତିଆକ୍ରମଣର ରୂପ ନେଇଥିଲା । ଏଥିରେ ଦୁଇ ଜଣ ଆହତ ହୋଇ ଜଣେ ବୈଶିଙ୍ଗା ଡାକ୍ତରଖାନା ରେ ଆଉ ଜଣେ ରୁପସା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବାମଡା ଗ୍ରାମର ସନ୍ତୋଷ ସାହୁଙ୍କ ପୁଅ ଜଗଦୀଶ (୧୯) ଏବଂ ରବୀନ୍ଦ୍ର ସାହୁ ଙ୍କ ପୁଅ କାଳୁ (୧୨) ଙ୍କ ମଧ୍ୟରେ ଗ୍ରାମ ଛକରେ ଶୁକ୍ରବାର ଦିବା ୧୦ ଘଟିକା ସମୟରେ ଝଗଡା ହୋଇଥିଲା । ସନ୍ଧ୍ୟାରେ ଏ ନେଇ ଗ୍ରାମ ସଭା ରେ



ଆପୋଷ ସମାଧାନ ହୋଇଥିଲା ।ଆଜି ଶନିବାର ସନ୍ଧ୍ୟା ୬ଘଟିକା ସମୟରେ କାଳୁ ର ବାପା ମାଆ ଓ କାଳୁ ସଂଘବଦ୍ଧ ଭାବେ ଜଗଦୀଶ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଗଦୀଶ ଆହତ ହୋଇଥିବା ବେଳେ ସେ ବୈଶିଙ୍ଗା ଡାକ୍ତରଖାନା ଚିକିତ୍ସିତ ହେବା ପରେ ବୈଶିଙ୍ଗା ଥାନା ରେ ଅଭିଯୋଗ କରିଥିବା ଜଣାଯାଇଛି । ଅନ୍ୟ ପଟେ ଧସ୍ତା ଧସ୍ତି ଚାଲିଥିବା ବେଳେ ଜଗଦୀଶ ହାତରେ ଥିବା ବିଜୁଳି ଟେଷ୍ଟର ବାଜି କାଳୁର ବାପା ରବୀନ୍ଦ୍ର (୪୦) ଙ୍କ ପେଟ ରେ ବାଜି ରକ୍ତ ସ୍ରାବ ହେବା ଯୋଗୁଁ ନିକଟସ୍ଥ ରୁପସା ଡାକ୍ତର ଖାନା କୁ ନିଆଯାଇଥିଲା ।ବୈଶିଙ୍ଗା ପୁଲିସ ଖବର ପାଇ ଆହତ ରବୀନ୍ଦ୍ର ଙ୍କ ବୟାନ ନେବା ପାଇଁ ରୁପସା ଡାକ୍ତରଖାନା ଯାଇଥିବା ଜଣାଯାଇଛି । ସମ୍ବାଦ ଲେଖା ହେବ ବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି ।

## ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ବର୍ଷ ପାଳନ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା

N.A.C, Digapahandi, Gm.

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହ ନକ୍ସା (**Building Plan** ) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ। ଗୃହ ନକ୍ସା (**Building Plan**), ସମ୍ପତ୍ତି ଟିକସ (**Property Tax**), ବାଣିଜ୍ୟ ଲାଇସେନ୍ସ (**TradeLicence**), ବିବାହ ପଞ୍ଜିକରଣ (**Marriage Registration**) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ **www.sujog.odisha.gov.in** ମାଧ୍ୟମରେ ଆବେଦନ କରନ୍ତୁ ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ । ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଭଉଣୀ ମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୬. ନିଜ ଗୃହ ପାଇଖାନାର ମଳ **Drain**କୁ ଛାଡ଼ନ୍ତୁ ନାହିଁ ।
୭. ଗାଈ ଗୋରୁ ଓ ଗୃହପଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
୯. ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀ ଖାଦ୍ୟ ଲାଇସେନ୍ସ ( **Food Licence**) ନିଶ୍ଚିନ୍ତ କରନ୍ତୁ । ଏଥିସହ ଜନସାଧାରଣଙ୍କ ନିମନ୍ତେ ଜଳଶୋଧନ ଯନ୍ତ୍ର (**Water Purifier**) ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ପ୍ରସ୍ତୁତ ଖାଦ୍ୟରେ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତୁ ନାହିଁ ।
୧୦. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତୁ । ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢି ତୋଳିବାରେ ସହାୟକ ହୁଅନ୍ତି ।

"ଆମ ସ୍ୱାଭିମାନ" -ଆମ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର 'ଦିଗପହଣ୍ଡି'

ସ୍ୱାକ୍ଷର
ଶ୍ରୀଯୁକ୍ତ ଅବିନାଶ ମିଶ୍ର
(ଓ.ଆର.ଏସ.)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

ସାକ୍ଷର
ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
(ଅଧ୍ୟକ୍ଷ)
ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି

## ଯାତ୍ରୀଙ୍କ ସୁବିଧା ପାଇଁ ଟ୍ରେନ ରହଣି ସ୍ଥାନ ଗୁଡିକର ପୁନଃସ୍ଥାପନ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ଷ୍ଟେସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେଲ୍/ ଏକ୍ସପ୍ରେସ୍ ଟ୍ରେନର ରହଣିସ୍ଥଳ ପୁନଃସ୍ଥାପିତ କରିବାକୁ ନିଷ୍ପତି ନେଇଛି । ପୂର୍ବରୁ ପ୍ରତ୍ୟାହାର କରାଯାଇଥିବା ଏହି ରହଣିସ୍ଥଳ ଗୁଡ଼ିକୁ ଯାତ୍ରୀ ଏବଂ ଜନପ୍ରତିନିଧିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବେ ପୁନଃସ୍ଥାପିତ କରାଯାଉଛି । ଏହା ୧ ସେପ୍ଟେମ୍ବର ଠାରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଟ୍ରେନ ନମ୍ବର ୧୨୮୨୨ ପୁରୀ-ଶାଳିମାର ଧଉଳି ଏକ୍ସପ୍ରେସର ରହଣି ମାର୍କୋଣା ରେଳ ଷ୍ଟେସନରେ ଏବଂ ଟ୍ରେନ ନମ୍ବର ୧୨୮୭୨ ଟିଟଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସ ୧ ସେପ୍ଟେମ୍ବରରୁ ବାଗଦେହି ଷ୍ଟେସନରେ ପୁନଃସ୍ଥାପିତ ହେବ। ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାୱଡ଼ା ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବରରୁ ବିଶ୍ରା ଏବଂ ରାଜଖରସାୱାନ ଜଙ୍କସନରେ ପୁନଃସ୍ଥାପନ କରାଯିବ। ଟ୍ରେନ ନମ୍ବର ୧୮୧୧୮ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବରରୁ ବାଗଦେହି ଷ୍ଟେସନରେ ପୁନଃସ୍ଥାପନ କରାଯିବ। ଟ୍ରେନ ନମ୍ବର ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବର ୨୦୨୫ ରୁ ବସ୍ତା ଏବଂ ବିଶ୍ରା ଷ୍ଟେସନରେ ପୁନଃସ୍ଥାପନ କରାଯିବ।
ଟ୍ରେନ ନମ୍ବର ୧୮୪୧୦ ପୁରୀ-ଶାଳିମାର ଶ୍ରୀ ଜଗନ୍ନାଥ ଏକ୍ସପ୍ରେସର ରହଣି ରୂପସା ଜଙ୍କସନରେ ୨ ସେପ୍ଟେମ୍ବରରୁ ପୁନଃସ୍ଥାପନ କରାଯିବ।

## ଚାଷୀମାନଙ୍କ କଷ୍ଟ ବୁଝିବାରେ କେନ୍ଦ୍ର ଏବଂ ରାଜ୍ୟ ବିଫଳ - ଭକ୍ତ ଦାସ

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ସାର ଅଭାବ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଦାସ। ସେ କହିଛନ୍ତି ସାର ଆଣିବା ଓ ପହଂଚାଇବାରେ କେନ୍ଦ୍ର ସରକାର ବଡ଼ ଘୋଟଲା କରିଛନ୍ତି। ସେଥିପାଇଁ ରାଜ୍ୟରେ ଏବେ ସାରର ଅଭାବୀ ବିକ୍ରି ଦେଖାଯାଉଛି । କେନ୍ଦ୍ର ଏବଂ ରାଜ୍ୟ ସରକାର ଚାଷୀମାନଙ୍କ କଷ୍ଟ ବୁଝିବାରେ ବିଫଳ ହୋଇଛନ୍ତି।


**AFFIDAVIT**

By virtue of an affidavit before the executive Magistrate, Basudevpur, I, Ratikanta Das S/o Padmalochan Das, permanent resident of Vill- Tilada, Po- Eram, Ps- Basudevpur, Dist- Bhadrak state that I am the father of minor Jadunath das. On behalf of my minor son, I renounce the use of his former name Jadunath Das and assume the name of Jagannath Das for him. Hereafter he shall be known as Jagannath Das in all recordes, deeds and writings and in all proceding, dealing and transaction, private as well as public.

**Ratikanta Das**

# ସେପ୍ଟେମ୍ବର ୧୩ରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ (ଶନିବାର) ଦିନ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା-ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସଲୋମୀ ସାହୁ ସୂଚନା ପ୍ରଦାନ କରିଥାଆନ୍ତି । ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା-ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ଜଳ, ବୈବାହିକ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଜମିଜମା ବା ଦେୱାନି ମାମଲାମାନଙ୍କର ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯିବ ।
କେବଳ ବିଚାରାଧୀନ ମାମଲା ନୁହେଁ, କଚେରିରେ ଦାୟର ହୋଇ ନ ଥିବା ପ୍ରାକ୍ ମକଦ୍ଦମା ଯଥା-ଚେକ୍ ? ବାଉନ୍ସ, ଟେଲିଫୋନ୍, ବ୍ୟାଙ୍କ ଋଣ ଅନାଦାୟ ଓ ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଦେୱାନୀ, ଫୌଜଦାରୀ ଏବଂ ସମସ୍ତ ପ୍ରକାରର ପାରିବାରିକ ବିବାଦର ଆଶୁ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ଉଭୟ ପକ୍ଷଙ୍କ ସହମତିରେ ସମସ୍ୟାର ସମାଧାନ କରାଯାଇପାରିବ । ଉକ୍ତ ଲୋକଅଦାଲତରେ ମୋକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ । ଏହି ଲୋକଅଦାଲତର ରାୟ ଚୂଡ଼ାନ୍ତ, ବୈଧ ଏବଂ ଅମଳଯୋଗ୍ୟ ଅଟେ । ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକଅଦାଲତ ମାଧ୍ୟମରେ ହୁଏ ତେବେ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

# ବାଇକ୍ ଧକ୍କାରେ ସାଇକେଲ ଆରୋହୀ ଆହତ : ବୈଶିଙ୍ଗାରେ ଚିକିତ୍ସିତ

ବୈଶିଙ୍ଗା , ୩୦/୮ (ନି.ପ୍ର): ଶନିବାର ସନ୍ଧ୍ୟା ସମୟରେ ୧୮ନଂ ଜାତୀୟ ରାଜପଥ ର ଯୁଗଳ ଛକ ନିକଟରେ ଅଜଣା ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀ ଆହତ ଭାବେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ହାତୀଝୁରୀ ଗ୍ରାମର ସାଇବା ମାଝୀଙ୍କ ପୁଅ ବୁଦ୍ଧିଆ (୫୨) ନିଜ ସାଇକେଲ ଯୋଗେ ଯୁଗଳ ଗ୍ରାମ କୁ ଯାଉଥିବା ବେଳେ ୧୮ନଂ ଜାତୀୟ ରାଜପଥରେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ସେଠାରେ ଚିକିତ୍ସିତ ହେବାପରେ ପରିବାର ଲୋକେ ଘରକୁ ନେଇ ଯାଇଥିଲେ ।

# ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରାରୁ ମମତା ଓ ଅଭିଷେକ ଅବଲମ୍ବନ କଲେ ଦୂରତ୍ୱ

କୋଲକାତା, ୩୦/୮ : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ତଥା ପାର୍ଟିର ରାଷ୍ଟ୍ରୀୟ ମହାସଚିବ ଅଭିଷେକ ବାନାର୍ଜୀ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରାର ପାଟନା ସମାପନ କାର୍ଯ୍ୟକ୍ରମରେ ସାମିଲ ହେବେନାହିଁ । ପାର୍ଟି ପକ୍ଷରୁ ବହରାମପୁରରୁ ସାଂସଦ ଏବଂ ପୂର୍ବ କ୍ରିକେଟର ୟୁସୁଫ ପଠାନ ତଥା ଲଳିତେଶ ତ୍ରିପାଠୀଙ୍କୁ ପ୍ରତିନିଧିତ୍ୱ ପାଇଁ ପଠାଯିବ । ସୂତ୍ର ମୁତାବିକ, ରାହୁଲ ଗାନ୍ଧୀ ବ୍ୟକ୍ତିଗତ ରୂପେ ମମତା ବାନାର୍ଜୀ ଏବଂ ଅଭିଷେକ ବାନାର୍ଜୀଙ୍କୁ ପାଟନା ଆସିବାକୁ ନିମନ୍ତ୍ରଣ ଦେଇଥିଲେ ଏବଂ ସମାପନ ପରେ ହେବାକୁଥିବା ଡିନର କାର୍ଯ୍ୟକ୍ରମରେ ମଧ ଆମନ୍ତ୍ରିତ କରିଥିଲେ, କିନ୍ତୁ ସେ ଏହି କାର୍ଯ୍ୟକ୍ରମରେ ଦୂରତା ବନାଇବାକୁ ନିଷ୍ପତି କରିଛି । ରାହୁଲ ଗାନ୍ଧୀଙ୍କ ୧୬ଦିନର ଭୋଟର ଅଧିକାର ଯାତ୍ରା ୧୭ ଅଗଷ୍ଟକୁ ସାସାରାମ ସହିତ ଆରମ୍ଭ ହୋଇଥିଲା ଏବଂ ଏକ ସେପ୍ଟେମ୍ବରକୁ ବିହାରର ରାଜଧାନୀ ପାଟନାରେ ସମାପ୍ତ ହେବ ।

# ଭସାଣି ଶୋଭାଯାତ୍ରା ପାଇଁ ଅନୁମତି ପରେ ରାସ୍ତା ଅବରୋଧ ହଟିଲା

ଖଇରା, ୩୦/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାରରେ ଶନିବାର ସଂଧ୍ୟାରେ ୨କ୍ଲବ ଦ୍ୱାରା ଆୟୋଜିତ ହେବାକୁ ଥିବା ଭସାଣି ଶୋଭାଯାତ୍ରା ଉପରେ ପୋଲିସ କଟକଣା ଲଗାଇବା କୁ ନେଇ ଉଭୟ କ୍ଲବର ଶତାଧିକ ସଦସ୍ୟ ଅପରାହ୍ନରେ ସୋର-କୁପାରୀ ରାସ୍ତାକୁ ଦୁର୍ଗାମଣ୍ଡପ ଛକରେ ଅବରୋଧ କରିଥିଲେ । ପାଖପାଖି ୨ଘଣ୍ଟା ଧରି ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଆନ୍ଦୋଳନରତ କ୍ଲବ ସଦସ୍ୟ ଙ୍କୁ ଜିଲା ପ୍ରସାଶନର ନିର୍ଦ୍ଦେଶ କ୍ରମେ ଡିଜେବନ୍ଦ ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ଆଇଆଇସି ଥାନା ପରିସରରେ କ୍ଲବ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ କ୍ଲବ କର୍ମକର୍ତ୍ତା ମାନେ ସରାକାରଙ୍କ ଶବ୍ଦ ପ୍ରଦୁଷଣ ଗାଇଡଲାଇନକୁ ସମ୍ମାନ ଦେଇ ଶୋଭାଯାତ୍ରା ଶେଷ କରିବାକୁ ଲିଜେଣ୍ଡ ଲାୟନ୍ସ କ୍ଲବ ଓ ୱାରିଅର୍ସ କ୍ଲବର ସଦସ୍ୟ ମାନେ ପ୍ରତିଶୃତି ଦେବା ପରେ ଶୋଭାଯାତ୍ରା ପାଇଁ ପ୍ରଶାସନ ଅନୁମତି ଦେଇଥିଲା ।

# ସମାଜସେବୀଙ୍କ ପରଲୋକ

ବସ୍ତା, ୩୦/୮ (ନି.ପ୍ର): ବସ୍ତା ବ୍ଲକ କୁଣ୍ଡପୁର ଗ୍ରାମର ବିଶିଷ୍ଟ ସମାଜସେବୀ ମଧୁସୂଦନ ବେହେରାଙ୍କ (୬୮) ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି । ସେ ଜଣେ ଧର୍ମ ପରାୟଣ ପରୋପକାରୀ ବ୍ୟକ୍ତି ଥିବାବେଳେ ପୁରୀ କମଳା ମଠର ସଦସ୍ୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବାପରେ ମୟୁ ରଭଞ୍ଜ ଓ ଅନେକ ଅଭି ରାମ ଭକ୍ତଙ୍କ ସମେତ ବସ୍ତା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ବସ୍ତା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସୁଜାଗଡ ପ୍ରାଥମିକ ବିଦ୍ୟାଳୟରେ ଆର୍ଥିକ ଅନିୟମିତତା

## ଧାରଣାରେ ବସିଲେ ଛାତ୍ରୀଛାତ୍ର ଓ ଅଭିଭାବକ

ଖଇରା, ୩୦/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀଙ୍କ ମନୋମୁଖୀ କାର୍ଯ୍ୟକଳାପ ତଥା ୨୦୨୪-୨୫ ମସିହାରୁ ଆର୍ଥୀକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ପରିଚାଳନା କମିଟି,ଛାତ୍ରୀଛାତ୍ର ତଥା ବହୁ ଗ୍ରାମବାସୀ ପ୍ରବଳ ବର୍ଷା ସତ୍ୱେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ମାଣିକ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଅଭିଭାବକ ଓ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ୨୩ ହଜାର ୬୧୬ଟଙ୍କାର ହିସାବ କମିଟିକୁ ଦେବାକୁ ପ୍ରଧାନଶିକ୍ଷୟତ୍ରୀଙ୍କୁ ନିର୍ଦ୍ଦେଶ ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅଭିଯୋଗ ଅନୁଯାୟୀ



ପ୍ରଧାନଶିକ୍ଷୟତ୍ରୀ ସରସ୍ୱତୀ ମଲ୍ଲିକ ନୁତନ ପରିଚାଳନା କମିଟି ଗଠନ ପରଠାରୁ ଗୋଟିଏ ହେଲେ ବୈଠକ ଡକାନଯିବା,ବିଦ୍ୟାଳୟକୁ ଆସିଥିବା ଅନୁଦାନର ହିସାବ କମିଟିକୁ ନଦେବା, କମିଟି ସଭ୍ୟକୁ ଗାଳିଗୁଲଜ କରାଯିବା ଭଳି ଅଭିଯୋଗର ତଦନ୍ତ ପାଇଁ ଅଗଷ୍ଟ ୬ତାରିଖରେ କମିଟି ସଦସ୍ୟ ମାନେ ସିଆରସିସି ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ । ହେଲେ ଅଭିଯୋଗର ସମାଧାନ ନହେବାରୁ ପରିଚାଳନା କମିଟି ସଭାପତି ଅଶେଷ ପରିଡା, ରିତାଞ୍ଜଳୀ ମଲ୍ଲିକ, ସୁରେନ୍ଦ୍ର ପରିଡା, ଶଶିକାନ୍ତ ପାତ୍ରଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା ।

# ୧୮ ନଂ ଜାତୀୟ ରାଜପଥ ଥାନା ଛକରୁ ଡମ୍ଫରରୁ ବ୍ୟାଟେରୀ ଓ ଡିଜେଲ ଚୋରି

ବୈଶିଙ୍ଗା , ୩୦/୮ (ନି.ପ୍ର): ୧୮ ନଂ ଜାତୀୟ ରାଜପଥ ର ଥାନା ଛକରେ ଆପ୍ରୋଚ ରୋଡରେ ଛିଡା ହୋଇଥିବା ୨ଟି ଡମ୍ଫରରୁ ଡିଜେଲ କଢ଼ା ହୋଇଥିବା ବେଳେ ଗୋଟିଏ ଡମ୍ଫରରୁ ବ୍ୟାଟେରୀ ଚୋରି ହୋଇଛି ବୋଲି ମାଲିକ ଗୁରୁ ପ୍ରସାଦ ସାମଲ ଥାନାରେ ଅଭିଯୋଗ କରିଛନ୍ତି । ଚୋରି ହୋଇଥିବା ଡମ୍ଫର ନଂ ଓ ଡି ୦୧ ଜି -୪୦୪୧ ଓ ଓ ଡି ୦୧ ଟି ୯୯୩୬ ଉକ୍ତ ରାସ୍ତା କଡରେ ଦୀର୍ଘ ଦିନଧରି ରାତିରେ ଛିଡା ହୋଇ ରହିଥାଏ । ଶୁକ୍ରବାର ରାତି ଗୋଟିଏ ଡମ୍ଫରରୁ ବ୍ୟାଟେରୀ ଚୋରି ହୋଇଥିବାବେଳେ ଦୁଇଟି ଗାଡ଼ିରୁ ମୋଟ ୩୭୦ ଲିଟର ଡିଜେଲ ଚୋରି ହୋଇଛି ବୋଲି



ଶ୍ରୀ ସାମଲ ତାଙ୍କ ଏତେଲାରେ ଦର୍ଶାଇ ଅଛନ୍ତି । ଥାନା ଛକରେ ଜାତୀୟ ରାଜପଥ ଉପରେ ବାହାର ରାଜ୍ୟର ବଡ଼ ବଡ଼ ମାଲବାହି ଟ୍ରକ ଛିଡା ହେଉଥିବାରୁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି ବୋଲି ଅନେକ ଅଭିଯୋଗ ହେଉଥିଲେ ମଧ୍ୟ ଶୁଣିବାକୁ କେହି ନାହିଁ ବୋଲି ପଥଚାରୀ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଅକ୍ଟୋବର ୪ ଓ ୫ରେ ପୋଲିସ ଏସଆଇ ପରୀକ୍ଷା

ଭୁବନେଶ୍ୱର, ୩୦/୮ (ନି.ପ୍ର): ଅକ୍ଟୋବର ୪ ଓ ୫ ତାରିଖରେ ପୋଲିସ ଏସଆଇ ପରୀକ୍ଷା ହେବ । ଶନିବାର ଦିନ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସଆଇ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି ।ବିଜ୍ଞପ୍ତି ଅନୁଯାୟୀ ଏସ୍ଆଇ ପଦବୀ ପାଇଁ ଓଏମ୍ଆର୍ ଆଧାରିତ ନିଯୁକ୍ତି ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୪ ଏବଂ ୫ ତାରିଖରେ ଅନୁଷ୍ଠିତ ହେବ । ପୂର୍ବରୁ ଏହି ପରୀକ୍ଷା ଦୁଇଥର ଘୁଂଚିଥିଲା ।ଓଡ଼ିଶା ପୁଲିସ ୱେବସାଇଟ୍ ରୁ ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ସୂଚୀ ବିଷୟରେ ସବିଶେଷ ଜାଣିବା ପାଇଁ ସେପ୍ଟେମ୍ବର ୨୦ ପରେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପରାମର୍ଶ ଦିଆଯାଇଛି ।

# ତାଲିକାଭୁକ୍ତ ଓକିଲ ମାନଙ୍କୁ ତାଲିମ୍ ପ୍ରଦାନ

ଭଦ୍ରକ , ୩୦/୮ (ନି.ପ୍ର): ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସର, ନଳାଙ୍ଗଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ତାଲିକାଭୁକ୍ତ ଓକିଲମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚ୍ଚଳନା କରିଥିଲେ । ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ତାଲୁକ ଲିଗାଲ ସ୍ତରୀୟ ଆଇନ ସେବା କମିଟି ୩ଟି ଯଥା ଚ୍ଚନ୍ଦବାଲି, ବାସୁଦେବପୁର ଓ ଧାମନଗରର ତାଲିକାଭୁକ୍ତ ଓକିଲମାନେ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ତାଲିମ୍ ପ୍ରାପ୍ତ ହୋଇଥିଲେ । ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଓକିଲ




ମାନଙ୍କର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଚ୍ଚରପତି ବୃନ୍ଦ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଭଦ୍ରକ ଶ୍ରୀ ପି.କେ. ରାଜଗୁରୁ, ଅତିରିକ୍ତ ଜିଲ୍ଲା ଜଜ୍ (ପୋସ୍କୋ), ଭଦ୍ରକ, ଶ୍ରୀ ବିକାଶ ଚନ୍ଦ୍ର ଦେ, କନିଷ୍ଠ ଦେୱାନୀ ବିଚ୍ଚରପତି, ଶ୍ରୀ ଉମାକାନ୍ତ ବେହେରା, ଦ୍ୱିତୀୟ ଶ୍ରେଣୀ ବିଚ୍ଚର ବିଭାଗୀୟ ମାଜିଷ୍ଟ୍ରେଟ (ସଂଜ୍ଞା-ଦୁଇ) ପ୍ରମୁଖ ଯୋଗଦେଇ ତାଲିକା ଭୁକ୍ତ ଓକିଲମାନଙ୍କୁ ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

# ନୀଳଗିରିରେ ଡିଜେ ବନ୍ଦ: ଗଣେଶ ଭସାଣିକୁ ନେଇ ହତୋତ୍ସାହ ପୂଜାକମିଟି

ନୀଳଗିରି , ୩୦/୮ (ନି.ପ୍ର): ଜାକ ଜମକରେ ସରିଲା ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା । ସୁନ୍ଦର ଆଲୋକମାଳା ସହିତ କାରୁକାର୍ଯ୍ୟ ଭରା ଗଜାନନଙ୍କ ପ୍ରତିମୂର୍ତ୍ତି ପୂଜାମଣ୍ଡପରେ ସ୍ଥାନ ପାଇଲା । ମାତ୍ର ଯୁବପୀଢ଼ିଙ୍କ ଆକାଂକ୍ଷିତ ଭସାଣୀଯାତ୍ରାରେ ପ୍ରତିବନ୍ଧକ ଲାଗିଲା ପୋଲିସ । ଶନିବାର ନୀଳଗିରି ସହରରେ ୩ଟି ମେଢ଼ର ଭସାଣି ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିଲା । ବିରାଟ ବିରାଟ ଡିଜେ ପହଞ୍ଚିଥିବା ବେଳେ ନୀଳଗିରି ପୋଲିସ ମଣ୍ଡପନିକଟରେ ପହଞ୍ଚି ଡିଜେ ଗୁଡିକ ନିଜ ହେପାଜତକୁ ନେଇ ଥାନାରେ ଅଟକ ରଖିଥିବା ଦେଖାଦେଇଛି । ପୂଜା ଓ




ଭସାଣିକୁ ନେଇ ନୀଳଗିରି ପୋଲିସ ପୂର୍ବରୁ ଏକ ଶାନ୍ତିବୈଠକ କରିଥିଲା । ଏହି ବୈଠକରେ ୬୦ଡେସିବିଲ ପର୍ଯ୍ୟନ୍ତ ସାଉଣ୍ଡ ବାଜାଇବାକୁ ସର୍ବସମ୍ମତି ମତ ପ୍ରକାଶ ପାଇଥିଲା । ମାତ୍ର ଗତ ଶୁକ୍ରବାର ବାଲେଶ୍ୱର ଠାରେ ଭସାଣି ସମୟରେ ଉଚ୍ଚ କ୍ଷମତାସମ୍ପନ୍ନ ସାଉଣ୍ଡ ବଜାଇଥିବାରୁ ଜିଲ୍ଲାପ୍ରଶାସନ ପକ୍ଷରୁ ପୂର୍ବାଞ୍ଚଳ ଡ଼ିଆଇଜିଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଅଞ୍ଚଳରେ ଡିଜେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଆଜି ନୀଳଗିରି ସହରରେ ଭସାଣି ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ନୀଳଗିରି ପୋଲିସ ସମସ୍ତ ଡିଜେ ଗୁଡିକ ଅଟକରଖି ଥାନାକୁ ନେଇଯାଇଥିବା ଦେଖାଦେଇଛି ।

# ବାରିପଦା ପୌରପାଳିକା ପକ୍ଷରୁ ଭଲିବଲ ଟୁର୍ଣ୍ଣାମେଣ୍ଟ: ମା' ତାରିଣୀ ଭଲିବଲ ଟିମ ଚାମ୍ପିୟାନ

ବାରିପଦା, ୩୦/୮ (ନି.ପ୍ର): ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ଭଲିବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଯାଇଛି । ଶନିବାର ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆ ଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିଥିଲେ । ସମୁଦାୟ ୪ଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନେ ହେଲେ ମା ତାରିଣୀ ଭଲିବଲ ଟିମ, ମା କିଚକେଶ୍ୱରୀ ଭଲିବଲ ଏକାଡେମୀ, ତକତପୁର ଭଲିବଲ ଟିମ ଓ ପୋଲିସ ଭଲିବଲ ଟିମ । ସମସ୍ତ ଟିମ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ବେଳେ ମା ତାରିଣୀ ଭଲିବଲ ଟିମ ଓ ପୋଲିସ ଭଲିବଲ ଟିମ ମଧ ଫାଇନାଲ



ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ମା ତାରିଣୀ ଭଲିବଲ ଟିମ ଚ୍ୟାମ୍ପିୟାନ ହୋଇଥିଲା । ମନୋରଞ୍ଜନ ଜୀଉ, ପାର୍ଥସାରଥୀ ସ୍ୱାଇଁ, ତିମିରିକାନ୍ତ ଦାସ, ଅମର ସେଠି, ଦୀପକ ବେହେରା, ରାଜେନ୍ଦ୍ର ନାୟକ, ରାଜେଶ ଦାସ, ଅନୀଲ ଗିରି, ହରିହର ମଲ୍ଲିକ, ଆଶିଷ ସେଠି, ପ୍ରଦୋଷ କୁମାର ଟିପିରିଆ, ଚନ୍ଦ୍ର ମୋହନ ଦଳେଇ, ବାରିପଦା ପୌରପାଳିକା ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଯାଦବେନ୍ଦ୍ର ମହାପାତ୍ର, ବୁଦ୍ଧିରାମ ସିଂ, ଭଗବାନ ମାଝୀ, ବିଜୟ ଗୌରବ ଦାସ, ସପନ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଗୁରୁବାର ବାରିପଦା ପୌରପାଳିକା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭଞ୍ଜପୁର ଠାରେ ନଗରପାଳ ଶ୍ରୀ ମହାନ୍ତିଙ୍କ ସମେତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ପଥଚାରି ମାନଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ । ଫ୍ଲା କାର୍ଡ ଓ ଲିଫଲେଟ ମାଧ୍ୟମରେ ସଚେତନ କରିବା ସହ ଗାଡି ଚଳାଇବା ବେଳେ ସଦା ହେଲମେଟ ପରିଧାନ କରିବାକୁ ଅନୁରୋଧ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପ ନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ସରପଞ୍ଚ ତଥା ଭାରତୀୟ ଜନତାପାର୍ଟିର ମଣ୍ଡଳ ସଭାପତିଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ

ବେତନଟୀ, ୩୦/୮ (ନି.ପ୍ର): ବେତନଟୀ ଥାନା ସୁରେଇଡିହି ପଞ୍ଚାୟତର ପୂର୍ବତନ ଯୁବସରପଞ୍ଚ ତଥା ମୋରଡା ବ୍ଲକ ୩୯ନଂ ଜୋନର ଭାରତୀୟ ଜନତାପାର୍ଟିର ମଣ୍ଡଳ ସଭାପତି ଦକ୍ଷ ସଂଗଠକ ଲକ୍ଷ୍ମଣ ମୁର୍ମୁ ନିଜ କ୍ଷେତରେ ପାଣି ମଡାଉଥିବା ବେଳେ ବିଦ୍ୟୁତ ଆଘାତରେ ଶୁକ୍ରବାର ଅପରାହ୍ନରେ ଶୋଚନୀୟ ମୃତ୍ୟୁ ଘଟିଛି । ହସ୍ତଗତ ସୂଚନା ମୁତାବକ ଲକ୍ଷ୍ମଣ ଶୁକ୍ରବାର ଅପରାହ୍ନରେ ଘରପାଖ ଧାନକ୍ଷେତକୁ ଯାଇ ପାଣି ମଡାଉଥିଲେ । ତେବେ ସେହି ସମୟରେ ପାଣିମେସିନରୁ ପାଇପ ଖୋଲିଯିବାରୁ ଲକ୍ଷ୍ମଣ ପାଣିମେସିନ ସୁଇଚ ଅଫ କରିବା ପରିବର୍ତ୍ତେ ଚାଲୁଥିବା ଅବସ୍ଥାରେ ଯାଇ ପାଇପ ଲଗାଇଥିଲେ । ତେବେ ପାଣିମେସିନ ପୂର୍ବରୁ ଚର୍ଜହୋଇ ରହିଥ?ବାରୁ ବିଦ୍ୟୁତଆଘାତରେ ଲକ୍ଷ୍ମଣ ଗୁରୁତର ହୋଇପଡିଥିଲେ । ଚେତାଶୂନ୍ୟ ଅବସ୍ଥାରେ ଲକ୍ଷ୍ମଣଙ୍କୁ ସମ୍ପର୍କୀୟ ପୁତୁରା ଏବଂ ଶଳା ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବେତନଟୀ ପୁଲିସ ୪୩ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଥ?ବା ବେଳେ ତଦନ୍ତକାରୀ ଅଧିକାରୀ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଶବବ୍ୟବଚ୍ଛେଦ କରାଇବାପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି ଲକ୍ଷ୍ମଣ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ସୁରେଇଡିହି ପଞ୍ଚାୟତର ପୂର୍ବ ସରପଞ୍ଚ ଭାବରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୩୯ନମ୍ବର ଜୋନର ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ଶେଷଦର୍ଶନ ନିମନ୍ତେ ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ, ଜିଲ୍ଲା ଉପସଭାପତି ତଥା ଦକ୍ଷ ସଂଗଠକ ପରେଶଚନ୍ଦ୍ର ମହାନ୍ତ, ଦାନ୍ତିଆମୁହାଁ ସମିତିସଭ୍ୟ ଶୁକୁଲ ମୁର୍ମୁ, ସଂଗ୍ରାମ କେଶରୀ ଦେବ, ବାରିପଦା ଗ୍ରାମୀଣ ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ, ଦିନାର୍ଦ୍ଦନ ମହାନ୍ତ, ମନୋଜ ମହାନ୍ତ, ଅଜୟ ଜେନା, ଦୁର୍ଗାପୁର ସମିତି ସଭ୍ୟ ଶିରିଶ ମହାନ୍ତ, ଅମୂଲ୍ୟ ଦାଶ, ଛାତ୍ରନେତା ସୁରଜ ଲୋହାରଙ୍କ ସମେତ ଶତାଦ୍ଧିକ ଦଳୀୟ କାର୍ଯ୍ୟକର୍ତ୍ତା ଡାକ୍ତରଖାନାରେ ପହଞ୍ଚିଥିଲେ । ଲକ୍ଷ୍ମଣଙ୍କ ହସହସ ମୁହଁ ଏବଂ ଅତ୍ୟନ୍ତ ଅମାୟିକ ତଥା ନିଷ୍କପଟ ଆଚରଣ ଏବଂ ସମସ୍ତଙ୍କୁ ଆପଣେଇ ନେବାର ସ୍ନେହୀପଣକୁ ବର୍ତ୍ତମାନ ମନେ ପକାଇ ସହକର୍ମୀ, ପଞ୍ଚାୟତବାସୀ ଙ୍କ ସମେତ ଜନ୍ମମାଟି ଝୁରୁଥିବା ବେଳେ ସୁରେଇଡିହି, ରାଗୁ, ଚାକୁଣ୍ଡାପଦା, ଜାମଶୋଳ, କୈଳାଶଚନ୍ଦ୍ରପୁର ଇଲାକାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida